CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୫ ◆ ଭୁବନେଶ୍ୱର ◆ ସୋମବାର ◆ ଏପ୍ରିଲ ୨୦ରୁ ଏପ୍ରିଲ ୨୬, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-35 ◆ Bhubaneswar ◆ Monday ◆ April 20 to April 26, 2026 ◆ Page-8 ◆ Price Rs.4.00

## ସିଇସିଙ୍କୁ ହଟାଇବା ପାଇଁ ପୁଣି ଅଣ୍ଟା ଭିଡ଼ିଲେ ବିରୋଧୀ

ନୂଆଦିଲ୍ଲୀ,(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ବିରୋଧୀ ଦଳ ପୁଣି ଥରେ ଚେଷ୍ଟା ଆରମ୍ଭ କରିଛନ୍ତି। ସୂତ୍ର ଅନୁସାରେ, ଅନେକ ବିରୋଧୀ ଦଳର ନେତା ଏନେଇ ପରସ୍ପର ମଧ୍ୟରେ ଆଲୋଚନା କରୁଛନ୍ତି। ପ୍ରାୟ ୫ ଜଣ ବରିଷ୍ଠ ନେତା ଏକ ନୂତନ ନୋଟିସର ଚିଠା ପ୍ରସ୍ତୁତ କରୁଛନ୍ତି, ଯାହାଦ୍ୱାରା ତାଙ୍କୁ ହଟାଇବା ପ୍ରକ୍ରିୟା ଆରମ୍ଭ କରାଯାଇପାରିବ। ପ୍ରକାଶ, ଏହା ପୂର୍ବରୁ ମଧ୍ୟ ଗତ ମାର୍ଚ୍ଚ ମାସରେ ବିରୋଧୀ ଦଳ ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ସଂସଦରେ ନୋଟିସ୍ ଦେଇଥିଲେ। କିନ୍ତୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଏହି ନୋଟିସ୍‌କୁ ଖାରଜ କରିଦେଇଥିଲେ। ତେବେ ଏଥର ସିଇସିଙ୍କୁ ହଟାଇବା ପାଇଁ ଯେଉଁ ନୋଟିସ୍ ଦିଆଯିବ ସେଥିରେ ଅତିକମ୍‌ରେ ୨୦୦ ସାଂସଦଙ୍କ ସମର୍ଥନ ବା ସ୍ୱାକ୍ଷର ରଖିବା ପାଇଁ ବିରୋଧୀ ରଣନୀତି ପ୍ରସ୍ତୁତ କରୁଛନ୍ତି। ନିକଟରେ ଲୋକସଭାରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ (୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍) କାଟ୍ ଖାଇବା ପରେ ବିରୋଧୀଙ୍କ ମଧ୍ୟରେ ଏହି ଏକତା ଦେଖିବାକୁ ମିଳୁଛି।

ନିୟମ ଅନୁସାରେ ସିଇସିଙ୍କୁ ହଟାଇବା ପ୍ରସ୍ତାବ ପାଇଁ ଅତିକମ୍‌ରେ ୧୦୦ ସାଂସଦଙ୍କ ସ୍ୱାକ୍ଷର ଆବଶ୍ୟକ। ସେହିପରି ରାଜ୍ୟସଭାରେ ଏଥିପାଇଁ ଅତିକମରେ ୫୦ ସାଂସଦଙ୍କ ସ୍ୱାକ୍ଷର ଜରୁରୀ। ସମ୍ବିଧାନ ଅନୁସାରେ, ମୁଖ୍ୟ ନିର୍ବାଚନ କମିଶନରଙ୍କୁ କେବଳ ସେହି ପ୍ରକ୍ରିୟାରେ ହଟାଯାଇପାରିବ ଯେଉଁ ପ୍ରକ୍ରିୟାରେ କୋର୍ଟର ଜଣେ ବିଚାରପତିଙ୍କୁ ହଟାଯାଇଥାଏ। ଅର୍ଥାତ୍ ସିଇସିଙ୍କ ବିରୋଧରେ ମଧ୍ୟ ସମ୍ବିଧାନର ଅନୁଚ୍ଛେଦ ୩୨୪(୫) ଅନ୍ତର୍ଗତ ପ୍ରସ୍ତାବ ଅଣାଯିବା ପୂର୍ବକ ହିଁ ହଟାଯାଇପାରିବ। ଯଦିଓ ଏହାକୁ ସିଧାସଳଖ ମହାଭିଯୋଗ ବୋଲି ସମ୍ବୋଧିତ କରାଯାଏ ନାହିଁ, କିନ୍ତୁ ସିଇସିଙ୍କୁ ହଟାଇବା ପ୍ରକ୍ରିୟା ମହାଭିଯୋଗ ପ୍ରସ୍ତାବ ଭଳି ହିଁ ହୋଇଥାଏ। ଯଦି ଉଭୟ ସଦନରେ ପ୍ରସ୍ତାବ ଗ୍ରହଣ କରାଯାଏ, ତେବେ 'ଜଜେସ୍ (ଇନକ୍ୱାରୀ) ଆକ୍ଟ ୧୯୬୮' ଅନୁସାରେ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ମିଶି ଏକ ଯୁକ୍ତ ତଦନ୍ତ କମିଟି ଗଠନ କରିବେ। ତଦନ୍ତ ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ୩ଡି ଗ୍ଲାସ୍ ସଲ୍ୟୁସନ୍ ପ୍ରକଳ୍ପର ଶିଳାନ୍ୟାସ

# ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି: ରେଳମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି। ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଓ ଏସ୍‌ଆଇସିଏସ୍‌ଇଏମ୍ ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋ ଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ଇଚ୍ଛାଶକ୍ତି ବଳରେ ଆଜି ଓଡ଼ିଶାର ଶିଳ୍ପ ବିପ୍ଲବ ଯାତ୍ରାରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ା ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି। ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା




### ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ୍ ଭାବେ ବିକଶିତ କରିବା ପାଇଁ ଆମ ପ୍ରୟାସ ଜାରି ରହିବ। ଆଜିର ଶିଳାନ୍ୟାସ ପ୍ରକୃତରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ। ୩ଡି ଗ୍ଲାସ୍ ସଲ୍ୟୁସନର ଗ୍ଲାସ୍ ସବ୍ ଷ୍ଟ୍ରେଟ ପ୍ୟାକେଜିଙ୍ଗ ୟୁନିଟ୍‌ର ପ୍ରଡକ୍ଟ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ। ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ସେ କହିଥିଲେ ଯେ, ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ୩ ଡବ୍ଲ୍ୟୁ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ। ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ଇନଟେଲ, ଲକହିଡ ମାର୍ଟିନ ଓ ଏପଲାଏଡ ମେଟେରିଆଲ୍ସ ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ ୩ଡି ଗ୍ଲାସ ସଲ୍ୟୁସନ ସହ ଯୋଡ଼ିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ସେ କହିଥିଲେ।

ସୂଚନା ଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡିଏଚଆଇ ମଡଭକ୍ୟୁଲ୍ ଉତ୍ପାଦନ କରିବ। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା କାହିଁକି ନିବେଶକମାନଙ୍କର ପ୍ରଥମ ପସନ୍ଦ, ତାହାର ପାଞ୍ଚଟି କାରଣ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେସ୍ପନସିଭ୍ ଗଭର୍ଣ୍ଣାନ୍ସ। ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଏହା ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ। ସେ କହିଥିଲେ ଯେ, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଓଡ଼ିଶା ଏକ ଆଦର୍ଶ ଗନ୍ତବ୍ୟସ୍ଥଳୀ ଭାବେ ଉଭୁକ୍ତ ହୋଇଛି। ଆମ ପାଖରେ ସମ୍ବଳ ଅଛି, ପ୍ରତିଭା ଅଛି, ଭିତ୍ତିଭୂମି ଅଛି, ସଂକଳ୍ପ ଅଛି। ଆଗାମୀ ଟେକ୍ନୋଲୋଜି ଗଢ଼ିବାକୁ ଚାହୁଁଥିଲେ- 'ଓଡ଼ିଶା ଇଜ ଇୟର ଡେଷ୍ଟିନେସନ," ବୋଲି ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିନ୍‌ହା, ୩ଡି ଗ୍ଲାସ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତ ଉପସ୍ଥିତ ଥିଲେ।

## ଇରାନ୍-ଆମେରିକା ଆଲୋଚନାକୁ ନେଇ ସଂଶୟ

ୱାଶିଂଟନ୍, ତେହରାନ୍(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ନେଇ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। କିନ୍ତୁ ଏହା ପୂର୍ବରୁ ଇରାନ ନିଜର ପ୍ରତିନିଧିମାନଙ୍କୁ ସେଠାକୁ ପଠାଇବାକୁ ସିଧାସଳଖ ମନା କରିଦେଇଛି। ଇରାନର ସରକାରୀ ନ୍ୟୁଜ୍ ଏଜେନ୍ସି 'ତସନିମ୍' ଅନୁସାରେ, ଯେପର୍ଯ୍ୟନ୍ତ ଇରାନ ଉପରେ ନୌସେନା ଅବରୋଧ ଜାରି ରହିବ, ସେପର୍ଯ୍ୟନ୍ତ ପାକିସ୍ତାନକୁ କୌଣସି ପ୍ରତିନିଧି ଦଳ ପଠାଯିବ ନାହିଁ କିମ୍ବା ଆମେରିକା ସହ କୌଣସି ଆଲୋଚନା କରାଯିବ ନାହିଁ। ଅନ୍ୟପକ୍ଷେ ଇରାନର ଏହି ନିଷ୍ପତ୍ତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଧମକ ଦେଇ କହିଛନ୍ତି ଯେ ଇରାନ ପାଖରେ ଏହା ଶେଷ ସୁଯୋଗ। ଯଦି ଚୁକ୍ତି ନହୁଏ, ତେବେ ଇରାନର ଭିତ୍ତିଭୂମି ଉପରେ ବଡ଼ ଧରଣର ଆକ୍ରମଣ କରାଯିବ ଏବଂ ସମ୍ପୂର୍ଣ୍ଣ ଇରାନ୍‌କୁ ଧୂଳିସାତ୍ କରିଦିଆଯିବ। ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକୀୟ ପ୍ରତିନିଧି ଦଳ ସୋମବାର ଆଲୋଚନା ପାଇଁ ପାକିସ୍ତାନରେ ପହଞ୍ଚିବେ। ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ତାଙ୍କର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଏବଂ ଜେରେଡ୍ କୁଶନର୍ ଇସଲାମାବାଦ ପହଞ୍ଚିବେ। କେବଳ ଆମେରିକା ନୁହେଁ ବରଂ ସମଗ୍ର ବିଶ୍ୱ ମଧ୍ୟ ଏହା ହିଁ ଚାହୁଁଛି ଯେ, ଇରାନ୍ ନିଜ ଜିଦ୍ ଛାଡି ଆଲୋଚନାରେ ସାମିଲ ହେଉ ଏବଂ ଚୁକ୍ତି ସ୍ୱାକ୍ଷର କରୁ। ଆମେରକା ପକ୍ଷରୁ ଏକକ ପ୍ରୟାସରେ ଏହା ସମ୍ଭବ ନୁହେଁ। ତେବେ ଏଥର ଆଲୋଚନାରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଆଉ ସାମିଲ ହେବେନାହିଁ। ଜେଡି ଭାନ୍ସ, ଏପ୍ରିଲ ୧୧-୧୨ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ଆମେରିକୀୟ ଦଳର ନେତୃତ୍ୱ ନେଇଥିଲେ। ଟ୍ରମ୍ପ ଏହାରି ମଧ୍ୟରେ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ଇରାନ୍, ଚୁକ୍ତିରେ ସ୍ୱାକ୍ଷର କରିନାହିଁ, ଆମେରିକୀୟ ନୌସେନା ପକ୍ଷରୁ ହର୍ମୁଜରେ ଇରାନ୍ ଉପରେ ଅବରୋଧ ଜାରି ରହିବ। ପ୍ରକାଶ, ଆମେରିକା ବିରୋଧରେ ଯୁଦ୍ଧବିରତି ଉଲ୍ଲଂଘନର ଅଭିଯୋଗ ଆଣିବା ପୂର୍ବକ ହର୍ମୁଜ୍ ପ୍ରଣାଳୀକୁ ପୁଣିଥରେ ବନ୍ଦ କରିଦେଇଛି।

## ବାଣ କାରଖାନାରେ ବିସ୍ଫୋରଣରେ ୨୦ ମୃତ

ନୂଆଦିଲ୍ଲୀ,(ଏଜେନ୍ସି): ତାମିଲନାଡୁର ବିରୁଧନଗର ଜିଲ୍ଲାର କଟ୍ଟନାରପଟ୍ଟୀ ଗାଁରେ ରବିବାର ଅପରାହ୍ନରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିସ୍ଫୋରଣ ଖବର ପାଇ ଅଗ୍ନିଶମ ବାହିନୀ ଏକ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଲିଭାଇବା ସହିତ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଘଟଣା ଘଟିବା ବେଳେ କାରଖାନାରେ ପ୍ରାୟ ୩୦ ଜଣ କର୍ମଚାରୀ କାମ କରୁଥିଲେ।

CMYK

ଜାତୀୟ ଚେତନା
JATIYA CHETANA



# ଭାରତ-ରୁଷ୍ ରେଲୋସ୍ ଚୁକ୍ତି ସ୍ୱାକ୍ଷରିତ

## ଉଭୟ ଦେଶ ପ୍ରତିପକ୍ଷ ମାଟିରେ ୩୦୦୦ ସୈନିକଙ୍କୁ ମୁତୟନ କରିବେ



ନୂଆଦିଲ୍ଲୀ, ମସ୍କୋ, (ଏଜେନ୍ସି): ଭାରତ ଏବଂ ରୁଷ ମଧ୍ୟରେ 'ରେସିପ୍ରୋକାଲ୍ ଏକ୍ସଚେଞ୍ଜ୍ ଅଫ୍ ଲଜିଷ୍ଟିକ୍ ସପୋର୍ଟ' (ରେଲୋସ୍) ପ୍ରତିରକ୍ଷା ଚୁକ୍ତି ଏବେ ଲାଗୁ ହୋଇଛି। ଏହି ଚୁକ୍ତି ଅଧୀନରେ ଉଭୟ ଭାରତ ଏବଂ ରୁଷ୍ ଏବେ ପରସ୍ପରର ଭୌଗୋଳିକ ସୀମାଞ୍ଚଳରେ ପ୍ରାୟ ୩୦୦୦ ସୈନିକଙ୍କୁ ମୁତୟନ କରିପାରିବେ। ଏତଦ୍‌ବ୍ୟତୀତ ଉଭୟ ଦେଶ ସେମାନଙ୍କର ୫ଟି ଲେଖାଏ ଯୁଦ୍ଧ ଜାହାଜ ଏବଂ ୧୦ଟି ଲେଖାଏ ସାମରିକ ବିମାନ ମୁତୟନ କରିବାକୁ ମଧ୍ୟ ଚୁକ୍ତିନାମା ହୋଇଛି। ଏହି ଚୁକ୍ତିର ବିଶେଷତା ହେଉଛି ଯେ, ଦୁଇ ଦେଶର ସେନା ଏଣିକି ପରସ୍ପରର ମିଲିଟାରୀ ବେସ୍, ଏୟାରବେସ୍ ଏବଂ ବନ୍ଦର ବ୍ୟବହାର କରିପାରିବେ, ଯାହା ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସାମରିକ ମୁତୟନ ଏବଂ ଅପରେସନ୍ ସହଜ ହେବ। ସେହିପରି ଏହି ଚୁକ୍ତିରେ ଇନ୍ଧନ, ପାଣି, ମରାମତି, ବୈଷୟିକ ସମ୍ବଳ ଏବଂ ଅନ୍ୟାନ୍ୟ ଜରୁରୀ ଯୋଗାଣ ସୁବିଧାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହା ବ୍ୟତୀତ ବିମାନଗୁଡ଼ିକ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଏବଂ ବିମାନ ଚଳାଚଳ ସମ୍ବନ୍ଧୀୟ ସେବା ମଧ୍ୟ ଉପଲବ୍ଧ ହେବ। ବାସ୍ତବରେ ଏହି ଚୁକ୍ତି ଫେବୃଆରୀ ୨୦୨୫ରେ ସ୍ୱାକ୍ଷରିତ ହୋଇଥିଲା ଏବଂ ଡିସେମ୍ବର ୨୦୨୫ରେ ରୁଷ ଏହାକୁ ମଞ୍ଜୁରୀ ଦେଇଥିଲା। ଏହା ୫ ବର୍ଷ ପାଇଁ ଲାଗୁ ରହିବ, ଯାହାକୁ ପରବର୍ତ୍ତୀ ସମୟରେ ପାରସ୍ପରିକ ସହମତି ଭିତ୍ତିରେ ବଢ଼ାଯାଇପାରିବ। ଏହି ଚୁକ୍ତି ଯୁଦ୍ଧ ପାଇଁ ନୁହେଁ। ଏହାର ବ୍ୟବହାର କେବଳ ଶାନ୍ତି ସମୟରେ ତାଲିମ, ମିଳିତ ଅଭ୍ୟାସ ଏବଂ ଲଜିଷ୍ଟିକ୍ ସହଯୋଗ ପାଇଁ କରାଯିବ। ଭାରତ ଏବଂ ରୁଷ ମଧ୍ୟରେ ମଜବୁତ ହେଉଥିବା ରଣନୈତିକ ସମ୍ପର୍କ କ୍ଷେତ୍ରରେ ଏହି ଚୁକ୍ତିକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି।

# ଇଟାଲୀରେ ଦୁଇ ଭାରତୀୟ ବଂଶୋଦ୍ଭବଙ୍କୁ ହତ୍ୟା

ନୂଆଦିଲ୍ଲୀ,(ଏଜେନ୍ସି): ଇଟାଲୀରେ ୨ ଭାରତୀୟ ବଂଶୋଦ୍ଭବ (ଶିଖ୍ ସମ୍ପ୍ରଦାୟର)ଙ୍କୁ ଗୁଳି କରି ହତ୍ୟା କରାଯାଇଛି। ରାତିରେ ଉତ୍ତର ଇଟାଲୀର ବର୍ଗାମୋ ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ଏହା ଏକ ଶିଳ୍ପ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଏକ ମାତା ସାହିବ କୌର ଜୀଙ୍କ ଗୁରୁଦ୍ୱାରା ରହିଛି। ତେବେ ବିଳମ୍ବିତ ରାତିରେ ଯେତେବେଳେ ମୃତକ ଦ୍ୱୟ ଗୁରୁଦ୍ୱାରରୁ ବାହାରକୁ ଆସୁଥିଲେ, ସେତେବେଳେ ସେମାନଙ୍କ ଉପରେ ହଠାତ୍ ଗୁଳିଚାଳନା କରାଯାଇଥିଲା। ଜଣେ ସନ୍ଦିଗ୍ଧ ଯୁବକ ଏମାନଙ୍କ ଉପରେ ଅତର୍କିତ ଭାବେ ଗୁଳିମାଡ଼ କରିଥିଲା ଏବଂ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ତେବେ ଅଭିଯୁକ୍ତ ଜଣେ ଭାରତୀୟ ବୋଲି ବିଶ୍ୱାସ କରାଯାଉଛି। ଇଟାଲୀ ପୁଲିସ୍, ମୃତକଙ୍କ ସହ କାହାର କୌଣସି ବିବାଦ ଥିଲା କି ନାହିଁ ସେନେଇ ଯାଞ୍ଚ୍ କରୁଛି। ଇଟାଲୀ ପୁଲିସ୍ ଦର୍ଶାଇଛି ଯେ, ଘଟଣା ଘଟିବାର କିଛି ମିନିଟ୍ ମଧ୍ୟରେ ସହରକୁ ସିଲ୍ କରାଯାଇଛି, ଏବଂ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ୍ ଚାଲିଛି। ହଠାତ୍ ଗୁଳି ଚାଳନା ଯୋଗୁଁ ସହରରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ମୃତକଦ୍ୱୟ ହେଲେ ୪୮ ବର୍ଷୀୟ ରାଜିନ୍ଦର ସିଂହ ଏବଂ ୪୮ ବର୍ଷୀୟ ଗୁରମୀତ ସିଂହ୍।

# କେନ୍ଦ୍ର କର୍ମଚାରୀଙ୍କ ବଢ଼ିଲା ଡିଏ

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ର କ୍ୟାବିନେଟ ଶନିବାର କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବା ଡିଏ ୨% ବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଏବଂ ପେନସନ୍‌ଭୋଗୀଙ୍କୁ ମହଙ୍ଗା ସହାୟତା (ଡିଆର୍)ର ଅତିରିକ୍ତ କିସ୍ତି ପ୍ରଦାନ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି। ବର୍ଦ୍ଧିତ ଡିଏ ଓ ଡିଆର ଜାନୁଆରୀ ପହିଲା ୨୦୨୬ ଠାରୁ ପିଛିଲା ଭାବେ ଲାଗୁ ହେବ। ମୂଲ୍ୟବୃଦ୍ଧି ବିରୁଦ୍ଧରେ କ୍ଷତିପୂରଣ ଦେବା ପାଇଁ ମୂଳ ଦରମା/ପେନସନ ଉପରେ ବର୍ତ୍ତମାନର ୫୮% ହାର ଉପରେ ୨% ଅତିରିକ୍ତ ଡିଏ ଓ ଡିଆର କିସ୍ତି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ହେତୁ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୬୭୯୧.୨୪ କୋଟି ଟଙ୍କାର ଚାପ ପଡ଼ିବ। ତେବେ ଏହାଦ୍ୱାରା ପ୍ରାୟ ୫୦.୪୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସରେ ଗୃହୀତ ସୂତ୍ର ଆଧାରରେ ଏହି ବୃଦ୍ଧି କରାଯାଇଛି।

# ରାହୁଲଙ୍କ ଘର ସମ୍ମୁଖରେ ବିକ୍ଷୋଭ, କୁଶ ପୁତ୍ତଳିକା ଦାହ

ନୂଆଦିଲ୍ଲୀ,(ଏଜେନ୍ସି): ମୋଦୀ ସରକାରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଲୋକସଭାରେ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ପାରିତ ହୋଇପାରିନାହିଁ। ଦିନକ ପୂର୍ବେ ଏହା ଉପରେ ଭୋଟିଂ କରାଯାଇଥିବା ବେଳେ ପ୍ରାୟ ୫୪ ଭୋଟ୍ କମ୍ ହେବାରୁ ଏହା ବିଫଳ ହୋଇଯାଇଛି। ତେବେ ଏଥିରେ ଥିବା ମହିଳା ସଂରକ୍ଷଣ ବିଲ୍ ମଧ୍ୟ ସ୍ୱତଃ ପ୍ରବୃତ୍ତ ଭାବେ କାଟ୍ ଖାଇଛି। ତେବେ ଏହାକୁ ନେଇ କେନ୍ଦ୍ରରେ କ୍ଷମତାସୀନ୍ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ନେତାମାନେ ଏବେ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଦେଇଛନ୍ତି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ମହିଳାଙ୍କୁ ସେମାନଙ୍କ ରାଜନୈତିକ ଅଧିକାରରୁ ବଞ୍ଚିତ ରଖିବାକୁ ଚାହୁଁଥିବା ନେଇ ବିଜେପିର ବରିଷ୍ଠ ନେତାମାନେ ଦର୍ଶାଉଛନ୍ତି। ସୁତରାଂ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ଏବେ ଜନସାଧାରଣ ବିଶେଷକରି ମହିଳା ବର୍ଗର ହିତାଧିକାରୀଙ୍କର ବିରୋଧାଭାସର ଶିକାର ହୋଇଛନ୍ତି। ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରତିବାଦରେ ଶନିବାର ଏନ୍‌ଡିଏ ମେଣ୍ଟର ନେତା ତଥା କର୍ମକର୍ତ୍ତାମାନେ ରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ପ୍ରଦର୍ଶନ କରିଛନ୍ତି। ଏଥିମଧ୍ୟରେ ରାହୁଲଙ୍କ ପୁତ୍ତଳିକା ମଧ୍ୟ ଦାହ କରାଯାଇଛି। ପ୍ରତିବାଦକାରୀଙ୍କ କହିବାନୁସାରେ କଂଗ୍ରେସ ପାଇଁ ହିଁ ମହିଳା ସଂରକ୍ଷଣ ବିଲ୍ ଭଳି ଏକ ଐତିହାସିକ ବିଲ୍ ପାରିତ ହୋଇପାରିନାହିଁ। ମହିଳାଙ୍କୁ ସଂରକ୍ଷଣ ଦେବାକୁ କଂଗ୍ରେସ ଏବଂ ବିରୋଧୀ ଦଳ ଚାହୁଁନାହାନ୍ତି। ଏହା ସବୁଠୁ ବଡ଼ ଦେଶଦ୍ରୋହ। ମହିଳା ପ୍ରତିବାଦକାରୀମାନେ ଆଜି ରାହୁଲ୍‌ଙ୍କ ବାସଭବନ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଛନ୍ତି। ରାହୁଲ୍‌ଙ୍କ ଘର ଆଡକୁ ମୁହାଇଁଥିବା ଭିଡ଼କୁ ହଟାଇବା ପାଇଁ ପୋଲିସ୍ ୱାଟର କ୍ୟାନନ (ଜଳ କମାଣ) ପ୍ରୟୋଗ କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିଜେପି ସାଂସଦ ହେମା ମାଳିନୀ, କମଲଜିତ ସେହରାୱତ, ବାଂଶୁରୀ ସ୍ୱରାଜ, ମଞ୍ଜୁ ଶର୍ମା ଏବଂ ବାତ୍ସଲ୍ୟ ଗୁପ୍ତା ମଧ୍ୟ ଏହି ବିକ୍ଷୋଭରେ ଭାଗ ନେଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ବିଜେପି ରାଜ୍ୟ ମୁଖ୍ୟ ବୀରେନ୍ଦ୍ର ସଚଦେବା, ସାଂସଦ ମନୋଜ ତିୱାରୀ ଏବଂ ଦଳର ମହିଳା କର୍ମୀମାନେ ମଧ୍ୟ ପ୍ରତିବାଦରେ ଯୋଗ ଦେଇଥିଲେ। ତେବେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖାଡସେ, ବିଜେପି ସାଂସଦ ବାଂଶୁରୀ ସ୍ୱରାଜ ଏବଂ କମଲଜିତ୍ ସେହରାୱତଙ୍କୁ ପୋଲିସ୍ ହେପାଜତକୁ ନେଇଛି। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମହିଳା ସାଂସଦମାନଙ୍କ ସହ ରାହୁଲ ଗାନ୍ଧୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରିଥିଲେ। ପ୍ରତିବାଦକାରୀଙ୍କୁ ରୋକିବା ପାଇଁ ପୁଲିସ୍ ଲଗାଇଥିବା ବ୍ୟାରିକେଡ୍ ଉପରେ ଚଢ଼ି କିଛି ମହିଳା କର୍ମୀ କଂଗ୍ରେସ ଓ ଗାନ୍ଧୀ ପରିବାର ବିରୋଧରେ ନାରାବାଜି କରିବା ମଧ୍ୟ ଦେଖିବାକୁ ମିଳିଛି। ତେବେ ଆଜିର ଏହି ପ୍ରତିବାଦ ସମୟରେ ରାହୁଲ ଗାନ୍ଧୀ ତାଙ୍କ ବାସଭବନରେ ଉପସ୍ଥିତ ନଥିଲେ। ସେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ତାମିଲନାଡୁରେ ଏକ ନିର୍ବାଚନ ରାଲିରେ ଯୋଗ ଦେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଶନିବାର କହିଛନ୍ତି, 'କାଲି ଲୋକସଭାରେ ଯାହା ହେଲା ତାହା ଗଣତନ୍ତ୍ରର ଏକ ବଡ଼ ବିଜୟ। ସରକାର ପରିସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ମାଧ୍ୟମରେ କ୍ଷମତାରେ ରହିବା ପାଇଁ ଚକ୍ରାନ୍ତ କରୁଥିଲେ। କଂଗ୍ରେସ କିମ୍ବା ଅନ୍ୟ କୌଣସି ବିରୋଧୀ ଦଳ କଦାପି ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିନାହାନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ସରକାର ଯେଉଁ ଭାବରେ ଏହାକୁ ପାରିତ କରିବାକୁ ଷଡଯନ୍ତ୍ର କରିଥିଲେ କଂଗ୍ରେସ ଏହାକୁ ବିରୋଧ କରିଥିଲା। ସୂଚନାଯୋଗ୍ୟ, ସରକାର ଶୁକ୍ରବାର ଲୋକସଭାରେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ଆଣିଥିଲେ। ସରକାର ଏହାକୁ ପାରିତ କରିବାରେ ବିଫଳ ହୋଇଥିଲେ ଏବଂ ବିଲ୍‌ଟି ୫୪ଟି ଭୋଟ୍ ବ୍ୟବଧାନରେ କାଟି ଦିଆଯାଇଥିଲା।

# ନାରୀ ଶକ୍ତିର 'ଭ୍ରୂଣହତ୍ୟା' କରିଛନ୍ତି ବିରୋଧୀ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ଏଜେନ୍ସି): ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଖାରଜ ହେବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ମୋଦୀ ତାଙ୍କର ଏହି ସମ୍ବୋଧନୀ ଭାଷଣରେ ବିରୋଧୀ ଇଣ୍ଡି ମେଣ୍ଟ, ବିଶେଷକରି କଂଗ୍ରେସ, ଡିଏମ୍‌କେ ଏବଂ ଟିଏମ୍‌ସି ଆଦି ବିରୋଧୀ ଦଳକୁ ତୀବ୍ର ଆକ୍ରମଣ କରିଛନ୍ତି। ବିଲ୍ ପାରିତ ନହେବା ପାଇଁ ମୋଦୀ ବିରୋଧୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ଏପରିକି ସଂସଦରେ ବିଲ୍‌କୁ ରୋକି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ନାରୀ ଶକ୍ତିର 'ଭ୍ରୂଣ ହତ୍ୟା' କରିଛନ୍ତି ବୋଲି ମୋଦୀ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ନିଜ ଭାଷଣରେ ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର କୋଟି କୋଟି ମହିଳାମାନଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ମୋଦୀଙ୍କ କହିବାନୁସାରେ, "ଲୋକସଭାରେ 'ମହିଳା ସଂରକ୍ଷଣ ବିଲ୍' ପାରିତ ହୋଇପାରିଲା ନାହିଁ, ଏଥିପାଇଁ ସମସ୍ତ ମା, ଭଉଣୀଙ୍କୁ କ୍ଷମା ମାଗୁଛି। ବିରୋଧୀ ଅଧା ଜନସଂଖ୍ୟାର ଅଧିକାର ଛଡ଼ାଇ ନେଇଛନ୍ତି, ସେମାନଙ୍କୁ ଏହି ପାପର ଦଣ୍ଡ ନିଶ୍ଚିତ ମିଳିବ।" ମୋଦୀ କହିଛନ୍ତି, ତାଙ୍କ ପାଇଁ ଦେଶହିତ ସର୍ବୋପରି। ଯେତେବେଳେ କିଛି ଲୋକଙ୍କ ପାଇଁ ଦଳୀୟ ସ୍ୱାର୍ଥ ଦେଶହିତ ଠାରୁ ବଡ଼ ହୋଇଯାଏ, ସେତେବେଳେ ନାରୀ ଶକ୍ତିକୁ ହିଁ ଏହାର ପରିଣାମ ଭୋଗିବାକୁ ପଡ଼ିଥାଏ। କଂଗ୍ରେସ, ଟିଏମ୍‌ସି, ଡିଏମକେ ପରି ବିରୋଧୀ ଦଳଗୁଡ଼ିକ ଏହି 'ଭ୍ରୂଣହତ୍ୟା'ର ଦୋଷୀ। ଏମାନେ ଦେଶର ସମ୍ବିଧାନର ଅପରାଧୀ ଏବଂ ନାରୀ ଶକ୍ତିର ଅପରାଧୀ। କଂଗ୍ରେସ ସର୍ବଦା ହିଁ ମହିଳା ସଂରକ୍ଷଣ ବିଷୟକୁ ଘୃଣା କରିଆସିଛି। ଏପ୍ରକାର କୌଣସି ବିଲ୍‌କୁ ରୋକିବା ପାଇଁ କଂଗ୍ରେସ ଷଡଯନ୍ତ୍ର କରିଥାଏ। ଏହି ପରିପ୍ରେକ୍ଷୀରେ ଯେତେ ଥର ମଧ୍ୟ ପ୍ରୟାସ କରାଯାଇଛି, କଂଗ୍ରେସ ପ୍ରତ୍ୟେକ ଥର ବାଧକ ସାଜିଛି। ଏଥର ମଧ୍ୟ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ମିଳିତ ଭାବେ ମହିଳା ସଂରକ୍ଷଣ ବିଲ୍‌କୁ ଅଟକାଇଛନ୍ତି। ଆଉ ଏବେ ଦେଶବାସୀଙ୍କୁ ମିଥ୍ୟା କଥା କହୁଛନ୍ତି ଯେ ସେମାନେ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁନାହାନ୍ତି ବରଂ ସୀମା ନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରିଛନ୍ତି। କିନ୍ତୁ ବିରୋଧୀଙ୍କ ଏହି ମିଛକୁ ଦେଶବାସୀ ବେଶ୍ ଭଲଭାବେ ବୁଝିପାରୁଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଭାରତର ପ୍ରତ୍ୟେକ ନାଗରିକ ଦେଖୁଛନ୍ତି କିପରି ଭାରତର ନାରୀ ଶକ୍ତିର ଉଡ଼ାଣକୁ ଅଟକାଇ ଦିଆଗଲା। ସେମାନଙ୍କ ସ୍ୱପ୍ନକୁ ଅତି ନିର୍ଦ୍ଦୟ ଭାବେ ଦଳି ଚକଟି ଦିଆଯାଇଛି। ଗତକାଲି ଦେଶର କୋଟି କୋଟି ମହିଳାଙ୍କ ନଜର ସଂସଦ ଉପରେ ଥିଲା। ଯେତେବେଳେ ଏହି ନାରୀ ହିତୈଷୀ ପ୍ରସ୍ତାବ ଭୋଟ୍ ମାଧ୍ୟମରେ କାଟ୍ ଖାଇଥିଲା ଏବଂ ଅଗଣିତ ମହିଳାଙ୍କ ଆଶା ଆକାଂକ୍ଷା ଧୂଳିସାତ୍ ହୋଇଗଲା ସେତେବେଳେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଭଳି ପରିବାରବାଦୀ ଦଳଗୁଡ଼ିକ ଖୁସିରେ ତାଳି ବଜାଉଥିଲେ। ମହିଳାମାନଙ୍କଠାରୁ ସେମାନଙ୍କ ଅଧିକାର ଛଡ଼ାଇ ନେଇ ଏହି ଲୋକମାନେ ଟେବୁଲ୍ ବାଡ଼େଇ ଉତ୍ସବ ମନାଉଥିଲେ। କିନ୍ତୁ ସେମାନେ ଭୁଲିଗଲେ ଯେ, ନାରୀ ନିଜର ଅପମାନ କେବେ ଭୁଲେ ନାହିଁ। ଗତକାଲି ଯାହା କିଛି ବି ଘଟିଲା ସେସବୁ ଦେଶର ନାରୀର ସ୍ୱାଭିମାନ ଉପରେ ଶକ୍ତ କୁଠାରଘାତ ଥିଲା। ଜଣେ ନାରୀ ସବୁକିଛି ଭୁଲିଯାଇପାରେ, କିନ୍ତୁ ନିଜର ଅପମାନ କେବେ ଭୁଲେ ନାହିଁ। ଦେଶର ନାରୀ ଶକ୍ତି କଂଗ୍ରେସ ଏବଂ ତା'ର ସହଯୋଗୀ ଦଳଗୁଡ଼ିକୁ ଏହି ପାପ ପାଇଁ କେବେ କ୍ଷମା କରିବେ ନାହିଁ। ମୋଦୀ କହିଛନ୍ତି, ସେ କିମ୍ବା ତାଙ୍କ ସହଯୋଗୀମାନେ ହାରିନାହାନ୍ତି, ବରଂ ଦେଶର ମା ଭଉଣୀମାନଙ୍କୁ ସେମାନଙ୍କ ନ୍ୟାୟଯୁକ୍ତ ଅଧିକାର ଦେବା ପାଇଁ ଲଢ଼େଇ ଜାରି ରଖିବେ। ଏବେ ସଠିକ୍ ସମୟକୁ ଅପେକ୍ଷା କରାଯିବ। ମହିଳା ସଂରକ୍ଷଣ ମାର୍ଗରେ ଆସୁଥିବା ପ୍ରତିଟି ବାଧାକୁ ଆମେ ଦୂର କରିବୁ। ଆମର ସାହସ ଅତୁଟ ଅଛି। ଗତକାଲି ଆମ ପାଖରେ ସଂଖ୍ୟାବଳ ନଥିଲା, ଏହାର ଅର୍ଥ ନୁହେଁ ଯେ ଆମେ ହାରିଗଲୁ। ଆମର ପ୍ରୟାସ ଅଟକିବ ନାହିଁ। ଆଗକୁ ଆମ ପାଖରେ ଆହୁରି ସୁଯୋଗ ଆସିବ।

ଶୁକ୍ରବାର ଲୋକସଭାରେ ମହିଳା ସଂରକ୍ଷଣ ସହିତ ଜଡ଼ିତ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ପାରିତ ହୋଇପାରିନଥିଲା। ଏହି ବିଲ୍‌ରେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ବୃଦ୍ଧି କରି ୮୧୬ କରିବା ଏବଂ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବାର ପ୍ରସ୍ତାବ ରହିଥିଲା। କିନ୍ତୁ ବିଲ୍ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ଟି ଭୋଟ୍ ପଡ଼ିଥିଲା, ଯେଉଁଠାରେ ଏହାକୁ ପାରିତ କରିବା ପାଇଁ ୩୫୨ଟି ଭୋଟ୍ (ଦୁଇ-ତୃତୀୟାଂଶ ବହୁମତ) ଆବଶ୍ୟକ ଥିଲା।

ଜାତୀୟ ଚେତନା
JATIYA CHETANA



### ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟମନ୍ତ୍ରୀ

# 'ଶିକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ'




ଭୁବନେଶ୍ୱର,(ଜା.ପ୍ର): ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ଅଞ୍ଚଳର ସାମାଜିକ ଓ ବୌଦ୍ଧିକ ଉନ୍ନତିର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ବୋଲି କଟକ ଜିଲ୍ଲାର ସୁନ୍ଦରଗ୍ରାମରେ ଅବସ୍ଥିତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଦ୍ୟାଳୟର ୭୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି କହିଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ୭୫ ବର୍ଷର ସଫଳ ଯାତ୍ରା କୌଣସି ସଂସ୍ଥା ପାଇଁ ଅପୂର୍ବ ସଫଳତା ଏବଂ ଏହା ପଛରେ ଅନେକ ଶିକ୍ଷାନୁରାଗୀ ଓ ତ୍ୟାଗୀ ବ୍ୟକ୍ତିଙ୍କ ଅବଦାନ ରହିଛି। ସେ ବିଦ୍ୟାଳୟର ପ୍ରତିଷ୍ଠାତା ଓ ଉନ୍ନତିରେ ଅବଦାନ ରଖିଥିବା ସମସ୍ତଙ୍କୁ ସମ୍ମାନ ଜଣାଇଥିଲେ। ସେ କହିଥିଲେ ଯେ, ସାଢେ ସାତ ଦଶନ୍ଧି ପୂର୍ବେ ସ୍ଥାପନ ହୋଇଥିବା ଏହି ଶିକ୍ଷାର ଚାରା ଆଜି ଏକ ବିଶାଳ ବୃକ୍ଷରେ ପରିଣତ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଆଲୋକ ଦେଉଛି। ଶିକ୍ଷାର ମହତ୍ତ୍ୱ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ଚରିତ୍ର ଗଢ଼ିବା ଓ ଜୀବନ ମୂଲ୍ୟବୋଧ ସୃଷ୍ଟିର ଏକ ମାଧ୍ୟମ। ସେ ଛାତ୍ରଛାତ୍ରୀଙ୍କୁ ଆଧୁନିକ ଯୁଗର ଚାହିଦା ଅନୁସାରେ ଦକ୍ଷତା ବିକାଶ, ସୃଜନଶୀଳତା ଓ ନବୀନ ଚିନ୍ତାଧାରାରେ ଆଗକୁ ବଢିବାକୁ ଆହ୍ୱାନ କରିଥିଲେ। ଏହା ସହ ମୋବାଇଲ ଓ ସୋସିଆଲ ମିଡିଆର ଅତିରିକ୍ତ ବ୍ୟବହାରରୁ ଦୂରେଇ ରହି, ଜ୍ଞାନାର୍ଜନରେ ଗୁରୁତ୍ୱ ଦେବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ଦକ୍ଷତାମୂଳକ ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଡିଜିଟାଲ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଅନଲାଇନ୍ ପାଠପଢା ପ୍ରଣାଳୀ ମାଧ୍ୟମରେ ଶିକ୍ଷାରେ ବିପ୍ଳବ ଆଣାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଭଳି ପ୍ରକଳ୍ପ ମାଧ୍ୟମରେ ଗ୍ରାମୀଣ ଶିକ୍ଷାର ମୂଳ ଭିତ୍ତିକୁ ସୁଦୃଢ କରାଯାଉଛି। ଏହି ଅବସରରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୪ ଜଣ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ପ୍ଲାଟିନମ୍ ଜୁବିଲି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଏହାର ଆବଶ୍ୟକତା ସମ୍ପର୍କରେ ଯେଉଁ ସବୁ ଦାବି ରହିଛି, ସରକାର ଏହାର ବିଚାର କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାଚୀ ନଦୀର ପୁନରୁଦ୍ଧାର ନିମିତ୍ତ ୪୫୦ କୋଟି ଟଙ୍କା ଘୋଷଣା କରିଥିବାରୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ସେ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ଗତ ଦେଢ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କ ନିଯୁକ୍ତି ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ନିଯୁକ୍ତି ହେବାକୁ ଯାଉଛି। ଏହା ସହ ଶିକ୍ଷାର ଭିତ୍ତିଭୂମି ଓ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାର ପ୍ରତିବଦ୍ଧ ରହିଛି। କାର୍ଯ୍ୟକ୍ରମରେ ଜଗତସିଂହପୁରର ସାଂସଦ ଡଃ ବିଭୁପ୍ରସାଦ ତରାଇ ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ର ଛାତ୍ରୀଙ୍କୁ ଉଚ୍ଚ ବିଦ୍ୟାଳୟରେ ଉନ୍ନତି ପାଇଁ ଅନୁରୋଧ କରିବା ସହ ସେମାନଙ୍କ ଭାଗିଦାରୀ ପାଇ ଧନ୍ୟବାଦ୍ ଜଣାଇଥିଲେ। ଏହି ସୁନ୍ଦର ଶିକ୍ଷା ଅନୁଷ୍ଠାନ ପାଇଁ ସ୍ଥାନୀୟ ଅଞ୍ଚଳ ସୁନ୍ଦରଗ୍ରାମ ରୂପେ ପରିଚିତ ହେବା ଗର୍ବର ବିଷୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ନିଆଳିର ବିଧାୟକ ଛବି ମଲ୍ଲିକ ମୁଖ୍ୟମନ୍ତ୍ରୀ ଆଜିର ପ୍ଲାଟିନମ୍ ଜୟନ୍ତୀରେ ଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଜଗତସିଂହପୁରର ସାଂସଦ ଡଃ ବିଭୁପ୍ରସାଦ ତରାଇ, ନିଆଳିର ବିଧାୟକ ଛବି ମଲ୍ଲିକ,ପୂର୍ବତନ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ପୁରାତନ ଛାତ୍ର ଡଃ ସୁନିଲ କୁମାର ଷଡଙ୍ଗୀ, ପ୍ଲାଟିନମ ଜୁବୁଲି କମିଟିର ସଭାପତି ସୁଶାନ୍ତ କୁମାର ଦାଶ, ସମ୍ପାଦକ ଫଣିଭୂଷଣ ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ସମେତ ବହୁ ସଂଖ୍ୟକ ଶିକ୍ଷକ, ପୁରାତନ ଛାତ୍ର ଓ ଅଭିଭାବକମାନେ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସୁନ୍ଦର ଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଓଡ଼ିଶା ଗସ୍ତରେ ଦଶଟି ଦେଶର ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏନ୍ସର୍

ଭୁବନେଶ୍ୱର,(ଜା.ପ୍ର): ଭୁଟାନ, କାମ୍ବୋଡ଼ିଆ, ଲାଓସ୍, ମାଲେସିଆ, ମଙ୍ଗୋଲିଆ, ମ୍ୟାନ୍‌ମାର, ନେପାଳ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତନାମ୍‌ରୁ ଏକ ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏସର ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କର ଏକ ପ୍ରତିନିଧି ଦଳ ୧୬ରୁ ୧୯ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଭାରତ ସରକାରଙ୍କର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତମ ସମନ୍ୱୟରେ ଏହି ଗସ୍ତ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି।

ଏହି ଦଳରେ ଟ୍ରାଭେଲ ବ୍ଲଗର୍, ଖାଦ୍ୟ ଓ ଲାଇଫ୍ ଷ୍ଟାଇଲ୍ ଇନ୍‌ଫ୍ଲୁଏନ୍ସର, ୱେଲ୍‌ନେସ୍ ବ୍ଲଗର, ଐତିହ୍ୟ ଅନୁସନ୍ଧାନକାରୀ ଏବଂ ଡକ୍ୟୁମେଣ୍ଟାରୀ ନିର୍ମାତାମାନେ ସାମିଲ ଥିଲେ। ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ସହିତ ରାଜ୍ୟର ଉନ୍ନତି ଓ ପ୍ରଗତିମୂଳକ ପ୍ରୟାସଗୁଡ଼ିକୁ ଅତି ନିକଟରୁ ପରଖିବା ସହ ଅନୁଭବ କରିବାର ସୁଯୋଗ ଲାଭ କରିଥିଲେ। ଦଳର ସଦସ୍ୟମାନେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ କରି ପ୍ରାଚୀନ କଳିଙ୍ଗ ଇତିହାସ, ଜୈନ ଧର୍ମର ମହାନ ପରମ୍ପରା ଓ ଏହାର ନିର୍ମାଣ ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ। ସେମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ସେଠାରେ ନିର୍ମାଣ ଓ ପ୍ରଯୁକ୍ତି ବିଦ୍ୟା, ମେକାଟ୍ରୋନିକ୍ସ ପରି କ୍ଷେତ୍ରରେ ଅନ୍ତର୍ଜାତୀୟ ମାନ ଅନୁସାରେ ଦିଆଯାଉଥିବା ଆଧୁନିକ ଦକ୍ଷତାମୂଳକ ପ୍ରଶିକ୍ଷଣ ବ୍ୟବସ୍ଥାକୁ ନିରୀକ୍ଷଣ କରିଥିଲେ। ଭର୍ଚୁଆଲ୍ ରିଅଲିଟି ଆଧାରିତ ପ୍ରଶିକ୍ଷଣ, ବ୍ୟୁଟି ଓ ୱେଲ୍‌ନେସ୍ ଶିକ୍ଷା, ମେକାଟ୍ରୋନିକ୍ସ କାର୍ଯ୍ୟକଳାପଗୁଡ଼ିକୁ ପ୍ରାୟୋଗିକ ଭାବେ ଦେଖିବା ଓ ଅନୁଭବ କରିବାର ସୁଯୋଗ ପାଇଥିଲେ। ପରେ ସେମାନେ ରଘୁରାଜପୁରର ହେରିଟେଜ୍ କ୍ରାଫ୍‌ଟ ଭିଲେଜ୍ ଗସ୍ତ କରି ପଟ୍ଟଚିତ୍ର ଚିତ୍ରକଳା ଓ ତାଳପତ୍ର ଖୋଦେଇ ପରି ପାରମ୍ପରିକ କଳାର ପ୍ରତ୍ୟକ୍ଷ ପ୍ରଦର୍ଶନ କରିବା ସହ କଳାକାରମାନଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସେମାନେ ବିଶ୍ୱବିଖ୍ୟାତ କୋଣାର୍କ ସୂର୍ଯ୍ୟମନ୍ଦିରର ଅତୁଳନୀୟ କାରୁକାର୍ଯ୍ୟ ପରିଦର୍ଶନ କରି ଏହାର ରଥାକାର ନିର୍ମାଣ ଶୈଳୀ, ସୂକ୍ଷ୍ମ ଶିଳ୍ପକଳା ଓ ସୂର୍ଯ୍ୟ ଉପାସନାର ମହିମାକୁ ଅନୁଭବ କରିଥିଲେ। ଏହି ଅବସରରେ ଡିଜିଟାଲ୍ ଇନ୍‌ଫ୍ଲୁଏନ୍ସରମାନେ ସେମାନଙ୍କର ଅନୁଭବ ବ୍ୟକ୍ତ କରି କହିଲେ ଯେ ଓଡ଼ିଶାରେ ସେମାନଙ୍କର ଗସ୍ତର ଅଭିଜ୍ଞତା ଅତ୍ୟନ୍ତ ପ୍ରେରଣାଦାୟୀ ଓ ସ୍ମରଣୀୟ ହୋଇ ରହିବ। ଏଠିକାର ଆତିଥ୍ୟ, ସଂସ୍କୃତି, ପରମ୍ପରିକ ଖାଦ୍ୟ ଓ ଲୋକମାନଙ୍କର ଆତିଥ୍ୟତା ଓ ଆତ୍ମୀୟତା ସେମାନଙ୍କୁ ବହୁଳ ଭାବେ ପ୍ରଭାବିତ କରିଛି। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମରେ ପୁନର୍ବାର ଯୋଗଦେବା ପାଇଁ ଆଶା ପ୍ରକଟ କରିବା ସହ ଓଡ଼ିଶାର ଏହି ମହାନ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସେମାନେ ଯଥା ସମ୍ଭବ ଚେଷ୍ଟାରତ ରହିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭାଗୀୟ ଅଧିକାରୀମାନେ ସମନ୍ୱୟ ରକ୍ଷାପୂର୍ବକ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ପୁରୀଠାରେ ଆୟୋଜିତ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର,(ଜା.ପ୍ର): ଆଗାମୀ ୨୧ ତାରିଖ ଦିନ ପୁରୀଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେୱ୍ୱକରଙ୍କ ଅଧ୍ୟକ୍ଷତା ଓ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଓ ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା ଓ ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବେ। ଏହି ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭା ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ବିରୋଧୀଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳମାନେ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ, କିନ୍ତୁ ବର୍ତ୍ତମାନ ସେମାନଙ୍କ ମୁଣ୍ଡରେ 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ସଶକ୍ତିକରଣ ସମ୍ବନ୍ଧରେ ପଦକ୍ଷେପ ସାରା ଦୁନିଆ ଦେଖିଛି। ଏଥିପାଇଁ ପ୍ରମାଣର ଆବଶ୍ୟକତା ନାହିଁ। ଦେଶର ସମଗ୍ର ମହିଳା ସମାଜର ଭରସା ପ୍ରଧାନମନ୍ତ୍ରୀଙ୍କ ଉପରେ ଅଛି। ଏହି ସାମୟିକ ବିଳମ୍ବ ନାରୀଶକ୍ତିକୁ ରୋକିପାରିବ ନାହିଁ। ତାଙ୍କ ଉଡ଼ାଣ କିଛି ଦିନ ପାଇଁ ବିଳମ୍ବିତ ହୋଇଛି, କିନ୍ତୁ ବହୁତ ଶୀଘ୍ର ଦେଶର ନାରୀଶକ୍ତି ନୂଆ ଉଡ଼ାଣ ଭରିବା ପାଇଁ ପ୍ରସ୍ତୁତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ 'ନାରୀଶକ୍ତି ବନ୍ଦ ଅଧିନିୟମ' ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା । ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ। ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ କରିଥିଲେ । ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ। ଏହାର ଉତ୍ତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲ ମୁଖମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା। ମହିଳାଙ୍କ ବିନା ସୃଷ୍ଟିର କଳ୍ପନା ମଧ୍ୟ କରାଯାଇ ନ ପାରେ। ଯେତେବେଳେ ନାରୀମାନଙ୍କୁ ପ୍ରକୃତ ସମ୍ମାନ ଏବଂ ପ୍ରକୃତ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ବିରୋଧୀ ସେଥିରୁ ଓହରିଗଲେ। ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ ନୁହେଁ, ତାଙ୍କୁ କେବଳ ନିଜ ନିଜ ଦଳରେ ଗୋଡାଣିଆ ଭାବେ ବ୍ୟବହାର କରିବା ପାଇଁ ଷଡ଼ଯନ୍ତ୍ର କରାଗଲା। ସେମାନଙ୍କ ନାରୀ ସ୍ୱାଧୀନତା ସ୍ଲୋଗାନ ଏବଂ ତାଙ୍କର ଅସଲ ରୂପ ଦୁଇ ଦିନର ଲୋକସଭା ବିତର୍କରେ ପଦାକୁ ଆସିଛି। କଂଗ୍ରେସଠାରୁ ଆରମ୍ଭ କରି ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଆମ ଆଦମୀ ପାର୍ଟି, ଡିଏମକେ, ବାମପନ୍ଥୀ ଦଳଗୁଡ଼ିକର ଆଭିମୁଖ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ସେମାନେ ହେଉଛନ୍ତି ପ୍ରକୃତରେ ମହିଳା ବିରୋଧୀ। ସେମାନେ କେବଳ ମହିଳା ସଶକ୍ତିକରଣର ମୁଖା ପିନ୍ଧି ଅଭିନୟ କରୁଛନ୍ତି ।

ଯେଉଁମାନେ କହୁଛନ୍ତି ଯେ, ପଂଚାୟତ ନିର୍ବାଚନରେ ମହିଳାଙ୍କୁ ଆରକ୍ଷଣ ପ୍ରଦାନ କରିଛନ୍ତି, ତାହା ସେମାନେ ଏଥିପାଇଁ କରିଛନ୍ତି ଯେ, ପଂଚାୟତସ୍ତରରେ ଆରକ୍ଷଣ ଦେଲେ ଏହି ନେତାମାନଙ୍କର ବିଧାନସଭା କିମ୍ବା ଲୋକସଭା କ୍ଷେତ୍ରରେ ନିର୍ବାଚନ ଲଢ଼ିବା ପାଇଁ କିଛି କ୍ଷତି ହେଉନାହିଁ । କିନ୍ତୁ ଯେତେବେଳେ ଦେଖିଲେ ଯେ ବିଧାନସଭା ଓ ଲୋକସଭାରେ ତାଙ୍କ ସ୍ୱାର୍ଥରେ ଆଂଚ୍ ଆସିପାରେ, ସେତେବେଳେ ସେମାନଙ୍କ ମନରେ ଛନକା ପଶିଗଲା। ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସାଂସଦ କାଂସୁରୀ ସ୍ୱରାଜ କହିଛନ୍ତି ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡ଼ିକ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଏହି ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡି ମେଣ୍ଟରେ ଥିବା ସବୁ ବିରୋଧୀଦଳଗୁଡ଼ିକ ମିଳିମିଶି ଏହି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି । ପ୍ରଧାନମନ୍ତ୍ରୀ ୨୦୨୯ରୁ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଚାହିଁଥିଲେ, ମାତ୍ର ବିରୋଧୀମାନେ ଦେଶର ମାତୃଶକ୍ତି ପୀଠିରେ ଛୁରି ଭୁଷି ଦେଇଛନ୍ତି। କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ନାରୀମାନଙ୍କ ଭୂମିକା କେବଳ ମତଦାନ କେନ୍ଦ୍ରରେ ସୀମିତ ରହୁ ବୋଲି ଚାହୁଁଛନ୍ତି । ସେମାନଙ୍କୁ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହୋଇଛି । ଯେତେବେଳେ ଏହି ଅଧିନିୟମ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ନାରୀମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଉଥିଲା ସେତେବେଳେ ବିରୋଧି ଦଳଗୁଡ଼ିକ ମୁହଁ ମୋଡ଼ି ଦେଇଛନ୍ତି। ଦେଶର ମାତୃଶକ୍ତିକୁ ଅଧିକାର ଦେବାକୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ପ୍ରୟାସ କରୁଥିବାବେଳେ କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଂଟରେ ଥିବା ବିରୋଧୀ ଦଳଗୁଡ଼ିକ ବାଧା ସୃଷ୍ଟି କରିଛନ୍ତି। ଯେଉଁମାନେ ନାରୀଶକ୍ତିର ସ୍ୱାର୍ଥକୁ ବଳି ପକାଇଦେଇଛନ୍ତି, ସେମାନଙ୍କୁ ଅଭିଶାପର ଫଳ ନିଶ୍ଚୟ ମିଳିବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ,ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ ଓ ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA

# ଟ୍ରମ୍ପଙ୍କ କ୍ରିପ୍ଟୋ ନୀତି

'ଓରୋବୋରୋସ' ହେଉଛି ଏକ ପୁରାତନ ସାପର ଛବି, ଯେଉଁଥିରେ ତାହା ନିଜ ଲାଞ୍ଜକୁ ଭକ୍ଷଣ କରୁଛି। ଏହି ଛବି ଆତ୍ମଘାତୀ ରଣନୀତିର ସଙ୍କେତ ଦେଇଆସିଛି। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏବକାର ରଣନୀତି ପାଇଁ ଏକ ଉପଯୁକ୍ତ ପ୍ରତୀକ। ଇରାନ ବିରୋଧରେ ତାଙ୍କର ବେପରୁଆ ଓ ଅନ୍ୟାୟ ଯୁଦ୍ଧ ହେଉଛି ଏହାର ସ୍ପଷ୍ଟ ଦୃଷ୍ଟାନ୍ତ। କିନ୍ତୁ ତାଙ୍କ ପ୍ରଶାସନର କ୍ରିପ୍ଟୋକରେନ୍ସିଗୁଡ଼ିକର ଉତ୍ସାହଜନକ ଗ୍ରହଣୀୟତା ସୂକ୍ଷ୍ମ ତଥା ମନ୍ଥର ଗତିରେ ବୃଦ୍ଧି ପାଉଥିବା ଏକ ସମାନ ପ୍ରକାର ଆତ୍ମଘାତୀ ପ୍ରବୃତ୍ତିର ପରିପ୍ରକାଶ।

ପାରମ୍ପରିକ ମୁଦ୍ରା ଭଳି କ୍ରିପ୍ଟୋକରେନ୍ସି ସାଧାରଣତଃ ବୈଧ ଟେଣ୍ଡର କିମ୍ବା ସରକାରୀ ସମର୍ଥନପ୍ରାପ୍ତ ନୁହେଁ। ସେଗୁଡ଼ିକର ମୂଲ୍ୟ ବିଶେଷ କରି ବଜାର ଚାହିଦା ଉପରେ ନିର୍ଭର କରେ। ଏହାର ଅଧିକାଂଶ ଭାଗ ସେମାନଙ୍କର ଗୁପ୍ତ ଦେଣନେଣ ଏବଂ ନିୟାମକ, ଟିକସ ଓ ବୈଧ ପର୍ଯ୍ୟବେକ୍ଷଣକୁ ଅଣଦେଖା କରିବାର କ୍ଷମତା ଦ୍ୱାରା ପରିଚାଳିତ ହୋଇଥାଏ। ଲାଭ ପାଇଁ ଶେୟାର କାରବାରରେ ଜଡ଼ିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଏହାକୁ ଅଧିକ ଅସ୍ଥିର କରିଥାଏ। ଏମାନଙ୍କ ସମେତ ଅପରାଧ ଏବଂ ଅନୈତିକ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତି କିମ୍ବା ସଂସ୍ଥାଗୁଡ଼ିକ ଏଥିପ୍ରତି ଆକର୍ଷିତ ହୋଇଥାନ୍ତି।

ଟ୍ରମ୍ପ ପୁନର୍ବାର ହ୍ୱାଇଟ ହାଉସକୁ ଫେରିବା ପରେ ସେ କ୍ରିପ୍ଟୋ ଶିଳ୍ପର ପ୍ରମୁଖ ସମର୍ଥକ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେ ପ୍ରମୁଖ କ୍ରିପ୍ଟୋ ନିବେଶକଙ୍କଠାରୁ ଅତ୍ୟଧିକ ନିର୍ବାଚନ ପାଣ୍ଠି ଗ୍ରହଣ କରିଛନ୍ତି ଏବଂ ଏଥିରେ ତାଙ୍କର ନିଜସ୍ୱ ବ୍ୟବସାୟିକ ସ୍ୱାର୍ଥ ରହିଥିବା ସ୍ପଷ୍ଟ ହୋଇଛି। ଟ୍ରମ୍ପ ପରିବାରର ସଦସ୍ୟମାନେ ବିଭିନ୍ନ କ୍ରିପ୍ଟୋକରେନ୍ସି ଯୋଜନାଗୁଡ଼ିକରୁ ପାଖାପାଖି ୫ ବିଲିୟନ ଡଲାର ପାଇଥିବା ଜଣାପଡ଼ିଛି।

ଏହିସବୁ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଟ୍ରମ୍ପ ପ୍ରଶାସନ କ୍ରିପ୍ଟୋ ମାର୍କେଟକୁ ନିୟମମୁକ୍ତ କରିବା ସହ ବିନିମୟ ଆକ୍ଟ ମାଧ୍ୟମରେ ଡଲାର ସହ ଯୋଡ଼ି ଏକ ସ୍ଥିର ମୂଲ୍ୟ ଜାରି ରଖିବା ପାଇଁ 'ଷ୍ଟେବଲ୍ କଏନ୍'କୁ ପ୍ରୋତ୍ସାହିତ କରିଛି। ଏହି ସମୟରେ ଟ୍ରମ୍ପ ପ୍ରଶାସନ କ୍ରିପ୍ଟୋ ପାଇଁ ଅଧିକ ସ୍ଥାୟୀ ଓ ନିୟମ ନିୟନ୍ତ୍ରିତ ବିକଳ୍ପ ଭାବେ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ କରେନ୍ସି (ଉଇଉଉ)କୁ ଅସ୍ୱୀକାର କରିଛି, ଯାହାକୁ ଚୀନ୍ ଭଳି ଅନେକ ଦେଶ ଗ୍ରହଣ କରିସାରିଲେଣି।

ନିୟାମକ ନିରୀକ୍ଷଣକୁ ଦୁର୍ବଳ କରି ଏହିସବୁ ପଦକ୍ଷେପ ନୂଆ ବିତ୍ତୀୟ ସଙ୍କଟ ଆରମ୍ଭ କରିଛି। କ୍ରିପ୍ଟୋ କମ୍ପାନୀଗୁଡ଼ିକ ବିରୋଧରେ ଏପରିକି ସ୍ପଷ୍ଟ ଭାବେ ତ୍ରୁଟିପୂର୍ଣ୍ଣ ମାମଲା ସାମ୍ନାକୁ ଆସୁଥିଲେ ମଧ୍ୟ ପ୍ରବର୍ତ୍ତନ ପଦକ୍ଷେପ ନିଆଯାଉନାହିଁ। ଦୈନିକ ବ୍ୟବସାୟରେ ସବୁଠୁ ବଡ଼ କ୍ରିପ୍ଟୋକରେନ୍ସି ବିନିମୟ କୁହାଯାଉଥିବା 'ବିନାନ୍ସ' ଟ୍ରମ୍ପ ପରିବାର ସହିତ ବ୍ୟବସାୟିକ ସମ୍ପର୍କ ରହିଥିବା ହେଉଛି ଏହାର ଏକ ବଡ଼ ପ୍ରମାଣ। ଏହାର ପ୍ରତିଷ୍ଠାତା ଚାଙ୍ଗପେଙ୍ଗ ଝାଓ ମନିଲଣ୍ଡରିଂକୁ ସହାୟତା କରିବା ଅପରାଧକୁ ସ୍ୱୀକାର କରି ଚାରି ମାସ ଜେଲରେ ରହିଥିଲେ। କିନ୍ତୁ ଟ୍ରମ୍ପ ତାଙ୍କୁ କ୍ଷମା କରିଦେଇଥିଲେ।

ଏହା ସମ୍ଭବତଃ କ୍ରିପ୍ଟୋ ସେକ୍ଟରର ବ୍ୟବସାୟକୁ ପ୍ରୋତ୍ସାହିତ କରିବା ସହ ନିବେଶ ସୁରକ୍ଷା ଓ ବିତ୍ତୀୟ ସ୍ଥିରତାକୁ ଦୁର୍ବଳ କରିଦେଇଛି। କ୍ରିପ୍ଟୋ କାର୍ଯ୍ୟକ୍ରମକୁ ଟ୍ରମ୍ପ ସମର୍ଥନର ପରିଣାମ ବିତ୍ତୀୟ ମାର୍କେଟ ବାହାରେ ମଧ୍ୟ ପ୍ରତିଫଳିତ ହୋଇଛି। କ୍ରିପ୍ଟୋକରେନ୍ସିଗୁଡ଼ିକ ଏକ ବିକଳ୍ପ ବିତ୍ତୀୟ ଭିତ୍ତିଭୂମି ସୃଷ୍ଟି କରିଛି। ଅନ୍ୟ ଦେଶଗୁଡ଼ିକୁ ଧମକାଇବା ଲାଗି ଆମେରିକା ପ୍ରୟୋଗ କରୁଥିବା ଆର୍ଥିକ କଟକଣାରୁ ବର୍ତ୍ତିବା ଲାଗି ଏହାକୁ ବ୍ୟବହାର କରାଯାଉଛି। ସମ୍ପ୍ରତି କ୍ରିପ୍ଟୋକରେନ୍ସିଗୁଡ଼ିକର ସ୍ଥିତିରେ ମଧ୍ୟ ଡଲାର ସହିତ ସୂକ୍ଷ୍ମ ପ୍ରତିଯୋଗିତା ଏକ ବିପଦ। ଏହି ପ୍ରକ୍ରିୟା କ୍ରିପ୍ଟୋକରେନ୍ସିଗୁଡ଼ିକୁ ଏକ ଭୂ-ରାଜନୈତିକ ହତିଆରରେ ପରିଣତ କରିସାରିଛି। ସେସବୁର ମୁଖ୍ୟ ବିଶେଷତା, ଅସୁରକ୍ଷା ଆମେରିକାର ବିରୋଧୀଙ୍କୁ ମଧ୍ୟ ବ୍ୟାପକ ସାହାଯ୍ୟ ପହଞ୍ଚାଇଛି। କେବଳ ୨୦୨୪ରେ, କ୍ରିପ୍ଟୋକରେନ୍ସି ଅବୈଧ କାରବାର ୧୨୦% ବଢ଼ିଯାଇଥିଲା। ବିଶେଷକରି ରୁଷିଆ, ଇରାନ ଏବଂ ଉତ୍ତର କୋରିଆ ଭଳି ଦେଶଗୁଡ଼ିକରେ ଏହା ବଢ଼ିଛି। ଡଲାରର ମୂଲ୍ୟକୁ ସ୍ଥିର ରଖିବା ପାଇଁ ଡିଜାଇନ କରାଯାଇଥିବା 'ଷ୍ଟେବଲକଏନ୍'କୁ ଟ୍ରମ୍ପ ପ୍ରଶାସନର ସମର୍ଥନ ଏହି ଧାରାକୁ ଆହୁରି ଗତିଶୀଳ କରିଦେଇଛି। ଏହି ସୁଯୋଗକୁ ଲାଭ ଉଠାଇବାରେ ରୁଷିଆ ହେଉଛି ପ୍ରଥମ ଦେଶ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପ୍ରଶାସନ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କ ଆସେଟ୍‌କୁ ଅଚଳ କରିଦେବା ପରେ ରୁଷିଆ ଆର୍ଥିକ ପ୍ରତିବନ୍ଧକରୁ ବର୍ତ୍ତିବା ଲାଗି କ୍ରିପ୍ଟୋକରେନ୍ସି ବିନିମୟ ଆରମ୍ଭ କରିଥିଲା। ଲିକ୍ୱିଡିଟି ବା ନଗଦ ମାଧ୍ୟମରେ ଏହା ସମ୍ବେଦନଶୀଳ ସାମଗ୍ରୀଗୁଡ଼ିକର ପୁନଃ ରପ୍ତାନିକୁ ସୁଗମ କରି ୟୁକ୍ରେନରେ ପ୍ରୟୋଗ କରାଯାଇଥିବା କମ୍ ମୂଲ୍ୟର ମିଲିଟାରୀ ଡ୍ରୋନ କିଣିବା ପାଇଁ ପାଣ୍ଠି ଯୋଗାଇଥିଲା। ଏହାପରେ ଏହି ପ୍ରତିକ୍ରିୟାକୁ ଉପଯୋଗ କରିବା ଦିଗରେ ରୁଷିଆ ଆଗକୁ ବଢ଼ିଛି। ଜୁଲାଇ ୨୦୨୪ରେ ରୁଷିଆନ ଡୁମା ବା ରୁଷିଆ ସଂସଦ ଆନ୍ତର୍ଜାତୀୟ କାରବାରରେ ଏହାର ବ୍ୟବହାରକୁ ବୈଧ କରିଥିଲା। ଏହାର ଏକ ମାସ ପରେ ରାଷ୍ଟ୍ରପତି ପୁଟିନ କ୍ରିପ୍ଟୋ ମାଇନିଂକୁ ବୈଧ କରିବା ସମ୍ପର୍କରେ ଘୋଷଣା କରିଥିଲେ, ଯାହାକୁ ଟ୍ରମ୍ପ ପ୍ରଶାସନ ନିଜ ଦେଶରେ ପ୍ରୋତ୍ସାହିତ କରିଛି। ସମାନ ପ୍ରକାରର ଗତିଶୀଳତା ମଧ୍ୟ ଏବେ ଇରାନରେ ରହିଛି।

ମୋଟ ଉପରେ ଏହିସବୁ ବିଷୟ ଏକ ବଡ଼ ପରିବର୍ତ୍ତନକୁ ସୂଚିତ କରୁଛି। କ୍ରିପ୍ଟୋ ପାଳକମାନଙ୍କ ଦ୍ୱାରା ଗଢ଼ାଯାଇଥିବା ତଥା ସମ୍ବଳ ପ୍ରଶସ୍ତ ନାମରେ ଆପଣେଇ ନିଆଯାଇଥିବା ଆମେରିକାର ନୀତିଗୁଡ଼ିକ ବ୍ୟାପକ କରାଯାଇଛି। ଏହାର ଅର୍ଥ ଆମେରିକାର କଟକଣାରୁ ବର୍ତ୍ତିବା ପାଇଁ ବ୍ୟବହାର କରାଯାଉଥିବା ଭିତ୍ତିଭୂମିକୁ ନୀତିଗତ ଭାବେ ବାଟ ଦେଖାଇଛି। ଏହି ବିପର୍ଯ୍ୟୟକୁ ଅନୁଧ୍ୟାନ କରିବା ଅସମ୍ଭବ। ଏକ କ୍ଷୁଦ୍ର ଯୁଦ୍ଧ ନିୟମରେ ଫସିରହିଥିବା ଇରାନୀୟଙ୍କ ପାଇଁ ଏବଂ ସାରା ବିଶ୍ୱରେ ଶାନ୍ତି ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ଅଭିମାନ ହେଉଥିବା ସାଧାରଣ ଲୋକଙ୍କ ସକାଶେ ଏହାର ପରିଣାମ ଅତି ଗମ୍ଭୀର।

# ଅର୍ଥନୈତିକ ପ୍ରଗତି ବନାମ ଜନସ୍ୱାସ୍ଥ୍ୟର ସୁରକ୍ଷା

**ପୂଜା ପୁଷ୍ପାଞ୍ଜଳି ପଲେଇ**

ଭାରତ ବର୍ତ୍ତମାନ ବିଶ୍ୱ ଅର୍ଥନୀତିର ଏକ ଚମକୁଥିବା ତାରକା। ବିଗତ କେତେ ବର୍ଷ ଧରି ଭାରତୀୟ ଅର୍ଥନୀତି ପୃଥିବୀର ଦ୍ରୁତତମ ବର୍ଦ୍ଧିଷ୍ଣୁ ବୃହତ୍ ଅର୍ଥନୀତି ଭାବେ ନିଜର ସ୍ଥାନ ବଜାୟ ରଖିଛି। ଜିଡିପି ଆକାର ଅନୁସାରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇଥିବା ବେଳେ 'ପର୍ଚେଜିଙ୍ଗ ପାୱାର ପ୍ୟାରିଟି' (ପିପିପି) ଭିତ୍ତିରେ ଏହା ତୃତୀୟ ସ୍ଥାନରେ ରହିଛି। ୨୦୪୭ ସୁଦ୍ଧା ଭାରତକୁ ଏକ ସମ୍ପୂର୍ଣ୍ଣ ବିକଶିତ ଦେଶରେ ପରିଣତ କରିବାର ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ଏହାର ଅନେକ ସକାରାତ୍ମକ ପ୍ରମାଣ ମଧ୍ୟ ହସ୍ତଗତ ହେବାରେ ଲାଗିଛି। ମାତ୍ର ଏହି ଅର୍ଥନୈତିକ ପ୍ରଗତି ମଧ୍ୟରେ ଜନସ୍ୱାସ୍ଥ୍ୟ ଏବଂ ଔଷଧର ଗୁଣାତ୍ମକ ମାନକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କାକୁ ଅଣଦେଖା କରାଯାଇ ନପାରେ।

ଏହି ଆଶଙ୍କାର କେନ୍ଦ୍ରବିନ୍ଦୁରେ ରହିଛି ଓଜନ ହ୍ରାସ ଏବଂ ମଧୁମେହ ନିୟନ୍ତ୍ରଣ ପାଇଁ ବ୍ୟବହୃତ ହେଉଥିବା ଚମତ୍କାରୀ ଔଷଧ 'ସେମାଗ୍ଲୁଟାଇଡ୍'। ଇଉରୋପ ଓ ଆମେରିକାରେ ଏହି ଔଷଧର ପେଟେଣ୍ଟ ଅବଧି ୨୦୩୧ ପର୍ଯ୍ୟନ୍ତ ରହିଛି। ଏହାର ଅର୍ଥ ହେଉଛି, ଭାରତୀୟ ଔଷଧ କମ୍ପାନୀମାନେ ଆସନ୍ତା କିଛି ବର୍ଷ ପର୍ଯ୍ୟନ୍ତ ନିଜର ଜେନେରିକ୍ 'ସେମାଗ୍ଲୁଟାଇଡ୍' ସେହି ସବୁ ଦେଶକୁ ରପ୍ତାନି କରିପାରିବେ ନାହିଁ। ଯେହେତୁ ସେମାନେ ରପ୍ତାନି କରିବେ ନାହିଁ, ସେମାନେ ବିଦେଶୀ ବଜାରର କଠୋର ଗୁଣାତ୍ମକ ମାନ ନିୟନ୍ତ୍ରଣ ନିୟମ ପାଳନ କରିବାକୁ ମଧ୍ୟ ବାଧ୍ୟ ହେବେ ନାହିଁ। ଏହି ଶୂନ୍ୟତା ହିଁ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିପାରେ।

ଯଦି ଭାରତୀୟ ଫାର୍ମା କମ୍ପାନୀମାନେ ବିଦେଶୀ ମାନଦଣ୍ଡର ଅନୁପାଳନ କରୁନାହାନ୍ତି ଏବଂ ଏହାର ସୁଯୋଗ ନେଇ ଭାରତୀୟ ବଜାରରେ ହୁଗୁଳା ମାନର ଜେନେରିକ୍ ଔଷଧ ବିକ୍ରି କରନ୍ତି, ତେବେ ଏହା ଏକ ଜନସ୍ୱାସ୍ଥ୍ୟ ବିପତ୍ତିର କାରଣ ସାଜିବ। ନିକଟ ଅତୀତରେ ଘଟିଥିବା ଏକାଧିକ କଫ୍ ସିରପ୍ କେଲେଙ୍କାରୀ ଭାରତୀୟ ମାନ ନିୟନ୍ତ୍ରଣ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇ ସାରିଛି। ଯଦି ଜୀବନ ରକ୍ଷାକାରୀ ଔଷଧ ନାମରେ ବିଷ ବିକ୍ରି ହୁଏ, ତେବେ ତାହାର ପାର୍ଶ୍ୱ ପ୍ରଭାବ ସାଧାରଣ ନାଗରିକଙ୍କୁ ଗୁରୁତର ଭାବେ ପ୍ରଭାବିତ କରିବ। ଅର୍ଥନୈତିକ ସମୃଦ୍ଧି ଓ ବିକଶିତ ଭାରତର ସଂଜ୍ଞା କେବଳ ଉଚ୍ଚ ଜିଡିପି ବା କ୍ରୟଶକ୍ତିରେ ସୀମିତ ରହିବା ଉଚିତ ନୁହେଁ। ଏକ ବିକଶିତ ଦେଶ ସେତେବେଳେ ପ୍ରକୃତ ସମ୍ମାନ ପାଏ, ଯେତେବେଳେ ତାହାର ପ୍ରତିଟି ନାଗରିକଙ୍କ ଜୀବନ ସୁରକ୍ଷିତ ଥାଏ ଏବଂ ରାଜ୍ୟର ମାନ ନିୟନ୍ତ୍ରଣ ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇଥାଏ। ଭାରତୀୟ ଔଷଧ ନିୟନ୍ତ୍ରକ ସଂସ୍ଥାମାନଙ୍କୁ ଏବେଠାରୁ ସଜାଗ ହେବାକୁ ପଡ଼ିବ। ରପ୍ତାନି ହେଉ ବା ନହେଉ, ଘରୋଇ ବଜାରରେ ଉପଲବ୍ଧ ଔଷଧର ମାନ ବିଦେଶୀ ବଜାର ସହ ସମାନ ହେବା ଆବଶ୍ୟକ।

ସରକାରଙ୍କ 'ବିକଶିତ ଭାରତ' ଅଭିଯାନ ସଫଳ ହେବାକୁ ହେଲେ 'ସୁସ୍ଥ ଭାରତ'ର ମୂଳଦୁଆକୁ ମଜଭୁତ କରିବାକୁ ହେବ। କଫ୍ ସିରପ୍ କେଲେଙ୍କାରୀରୁ ଶିକ୍ଷା ଲାଭ କରି ସେମାଗ୍ଲୁଟାଇଡ୍ ଭଳି ଆଗାମୀ ଦିନର ଗୁରୁତ୍ୱପୂର୍ଣ୍ଣ ଔଷଧଗୁଡ଼ିକର ମାନ ନିର୍ଦ୍ଧାରଣ କ୍ଷେତ୍ରରେ କୌଣସି କୋହଳ ମନୋଭାବ ଗ୍ରହଣ କରାଯିବା ଅନୁଚିତ। ଅର୍ଥନୈତିକ ପ୍ରଗତିର ରଥ ସେତିକିବେଳେ ଦ୍ରୁତଗତିରେ ଚାଲିବ, ଯେତେବେଳେ ଦେଶର ଶାରୀରିକ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ। ତେବେ ଏ ସମସ୍ତ ଶାସ୍ତ୍ରୀୟ ପ୍ରମାଣମାନଙ୍କ ଠାରୁ ଦୂରରେ ରହି ଯଦି ଏକ ଲଘୁ ଦୃଷ୍ଟିଭଙ୍ଗୀ ଅବଲମ୍ବନ କରାଯାଇ ଆମ ସମୃଦ୍ଧିର କୌଣସି ଏକ ନିତିଦିନିଆ ପ୍ରମାଣ ଖୋଜାଯାଏ, ତେବେ ଏହାର ଏପରି ଏକ ଆକ୍ଷରିକ ଭାବରେ ଓଜନଦାର ପ୍ରମାଣ ଦୃଷ୍ଟିଗୋଚର ହୋଇଥାଏ, ଯାହାକୁ ଚରମ ସନ୍ଦେହୀମାନେ ମଧ୍ୟ ଆଡ଼େଇ ଦେବାକୁ ସମର୍ଥ ହେବେ ନାହିଁ। ଏଇ ପ୍ରମାଣ ହେଉଛି ଭାରତୀୟ ଜନସଂଖ୍ୟାରେ ବପୁବନ୍ତମାନଙ୍କର ଉପସ୍ଥିତି। ପୂର୍ବେ ଗାଁ ଗହଳିରେ ଏକ କଥା ଶୁଣିବାକୁ ମିଳୁଥିଲା: 'ଖାଇ ମଣିଷ ନା ନଖାଇ ମଣିଷ!' ସେଇଭଳି କୌଣସି ହୃଷ୍ଟପୁଷ୍ଟ ବ୍ୟକ୍ତିକୁ ଲକ୍ଷ୍ୟକରି ହିନ୍ଦୀରେ କୁହାଯାଇଥାଏ: 'ଖାତେ-ପୀତେ ଘରାନେ କା ଲଡ୍‌କା।' ଏକ ଦାରିଦ୍ର୍ୟ, ଅନାହାର ପ୍ରପୀଡ଼ିତ ସମାଜରେ ପୁଷ୍ଟି ଅଭାବରୁ ହୃଷ୍ଟପୁଷ୍ଟ ଶରୀରର ଉପସ୍ଥିତି ବିରଳ ହୋଇଥିବାରୁ ଏହା ସ୍ୱଚ୍ଛଳତାର ଏକ ସୂଚକ ରୂପେ ବିବେଚିତ ହେଉଥିଲା, ଯାହା ଏଇ ଉକ୍ତିମାନଙ୍କରୁ ସ୍ପଷ୍ଟ ହୋଇଥାଏ। ସମୃଦ୍ଧିର ଆଗମନ ସଙ୍ଗେ ସଙ୍ଗେ ସେଇ ଚିତ୍ରରେ ପରିବର୍ତ୍ତନ ଘଟିବାକୁ ଆରମ୍ଭ କରେ; 'ଖାଇ ମଣିଷ'ମାନଙ୍କର ସଂଖ୍ୟାରେ ବୃଦ୍ଧି ଘଟିଚାଲେ। ଜନସଂଖ୍ୟାରେ ଓଜନଦାର ଶରୀରଧାରୀମାନଙ୍କର ଅନୁପାତରେ ବୃଦ୍ଧି ଘଟିବାକୁ ଲାଗେ। ଭାରତରେ ବର୍ତ୍ତମାନ ତାହା ହିଁ ଦୃଶ୍ୟମାନ ହେଉଛି।

ସର୍ବଶେଷ ଉପଲବ୍ଧ 'ନେସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ, ୨୦୧୯-୨୧' (ପଞ୍ଚମ ରାଉଣ୍ଡ) ଦ୍ୱାରା ଆବିଷ୍କୃତ ତଥ୍ୟ ଅନୁସାରେ (୨୦୨୩-୨୪ରେ ଅନୁଷ୍ଠିତ ଷଷ୍ଠ ରାଉଣ୍ଡ୍ ସର୍ଭେର ଫଳାଫଳ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ) ଭାରତରେ ୧୫-୪୯ ବର୍ଷ ବୟସ ସୀମା ମଧ୍ୟରେ ଥିବା ମହିଳାମାନଙ୍କ ମଧ୍ୟରୁ ୨୪ ଶତାଂଶ ମେଦବହୁଳ ହୋଇଥିବା ବେଳେ, ୨୩ ଶତାଂଶ ପୁରୁଷଙ୍କ ଅବସ୍ଥା ତାହା ହୋଇଥାଏ। ଯାହା ହେଉଛି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ଘୋର ଚିନ୍ତାଜନକ, ତାହା ହେଲା ୨୦୧୫-୧୬ରେ ଅନୁଷ୍ଠିତ ଚତୁର୍ଥ ରାଉଣ୍ଡ୍ ସର୍ଭେରୁ ମିଳିଥିବା ତଥ୍ୟ ତୁଳନାରେ ଏହା ମହିଳାମାନଙ୍କ ଠାରେ ମେଦବହୁଳତା ଉପସ୍ଥିତିରେ ୯୦ ଶତାଂଶ ବୃଦ୍ଧି ଓ ପୁରୁଷମାନଙ୍କ ଠାରେ ୧୪୬ ଶତାଂଶ ବୃଦ୍ଧି ଘଟିଥିବା ସୂଚାଇଥାଏ! ଏହା ଚିନ୍ତାଜନକ ଏଇଥିପାଇଁ ଯେ ମେଦବହୁଳତା ହେଉଛି 'ଦ୍ୱିତୀୟ କିସମ ମଧୁମେହ' ('ଟାଇପ୍-୨ ଡାଏବିଟିସ୍')ର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକମତ, ଏବେ ଭାରତ ଯାହାର ରାଜଧାନୀରେ ପରିଣତ ହୋଇସାରିଲାଣି। ଯେଉଁ ଅତ୍ୟଧିକ ଶ୍ୱେତସାର ଓ ସ୍ନେହସାର ଆହାର ଯୋଗୁଁ ମେଦବୃଦ୍ଧି ଘଟିଥାଏ, ତାହା ମଧ୍ୟ ମଧୁମେହ ସୃଷ୍ଟି କରିଥାଏ। ଏଇ ଆହାରକୁ ଯାହା ଆହୁରି ବିପଜ୍ଜନକ କରିଥାଏ, ତାହା ହେଲା ଶାରୀରିକ ପରିଶ୍ରମ ବା ବ୍ୟାୟାମର ଅଭାବ।

ଭାରତୀୟମାନେ ଏହିପରି ଏକ ସମୃଦ୍ଧି ସଂକଟ ଦେଇ ଗତି କରୁଥିବା ବେଳେ ବର୍ତ୍ତମାନ ସେମାନଙ୍କୁ ଏଥିରୁ ସହଜରେ ଉଦ୍ଧାର କରିବାର ସମ୍ଭାବନା ବହନ କରି ଭାରତୀୟ ଔଷଧପତ୍ର ବଜାରରେ ଏକ ଚମକପ୍ରଦ ବିପ୍ଳବର ଆବିର୍ଭାବ ଘଟିଛି ବୋଲି କହିଲେ ଅତିରଞ୍ଜନ ହେବ ନାହିଁ। ସମୃଦ୍ଧ ପାଶ୍ଚାତ୍ୟ ଦେଶମାନଙ୍କରେ ମେଦବହୁଳତା ମଧ୍ୟ ଏକ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ହୋଇଥାଏ। ଡେନ୍‌ମାର୍କର ଔଷଧ କଂପାନି 'ନୋଭୋନରଡିସ୍କ' ଦ୍ୱାରା ଆବିଷ୍କୃତ 'ୱିଗୋଭି' ଓ 'ଓଜେମ୍ପିକ୍' ନାମକ ଦୁଇଟି ଔଷଧ ବ୍ୟବହାର ଦ୍ୱାରା ମେଦବହୁଳତାରେ କିନ୍ତୁ ଏବେ ଯେଉଁ ଏକ ତୀକ୍ଷ୍ଣ ତଥା ଦ୍ରୁତ ହ୍ରାସ ଘଟାଯାଇ ପାରୁଛି, ତାହା ବସ୍ତୁତଃ ଚିକିତ୍ସା ଜଗତରେ ଏକ ଝଡ଼ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା କିନ୍ତୁ ଏ ପର୍ଯ୍ୟନ୍ତ ଏତେ ଦୁର୍ମୂଲ୍ୟ ଥିଲା ଯେ ତାହା ଏ ଯାଏ ଅଧିକାଂଶ ଭାରତୀୟମାନଙ୍କର ପହୁଞ୍ଚ ବାହାରେ ଥିଲା।

ଏଇ ଔଷଧମାନଙ୍କର ମୂଳଭିତ୍ତି ହୋଇଥିବା ଅଣୁ (ମଲିକ୍ୟୁଲ୍)ର ନାମ ହେଉଛି- 'ସେମାଗ୍ଲୁଟାଇଡ୍'। ଭାରତୀୟ ଔଷଧପତ୍ର ବଜାରରେ ଯେଉଁ ବିପ୍ଳବର ଆବିର୍ଭାବ ଘଟିଛି, ତାହା ହେଲା, ଭାରତରେ ମାର୍ଚ୍ଚ ୨୦ରେ ସେଇ 'ସେମାଗ୍ଲୁଟାଇଡ୍' ପ୍ରତି ଲାଗୁ ହେଉଥିବା ପେଟେଣ୍ଟର ଅନ୍ତ ଘଟିଛି। ଅର୍ଥାତ୍ ବର୍ତ୍ତମାନ ଭାରତୀୟ ଔଷଧ କଂପାନିମାନେ 'ସେମାଗ୍ଲୁଟାଇଡ୍' ଇଞ୍ଜେକ୍‌ସନ୍ ଓ ବଟିକାର ଜେନେରିକ୍ ସଂସ୍କରଣ ଉତ୍ପାଦନ କରି ବହୁ ଶସ୍ତାରେ ବଜାରରେ ଯୋଗାଇ ଦେଇପାରିବେ। ଜେନେରିକ୍ ଔଷଧ ନିର୍ମାଣରେ ଭାରତୀୟ କମ୍ପାନିମାନଙ୍କର ଦକ୍ଷତା ହେଉଛି ବିଶ୍ୱପ୍ରସିଦ୍ଧ। ଅନୁମାନ କରାଯାଉଛି ସେମାନେ ପ୍ରାୟ ୭୦ ଶତାଂଶ ପର୍ଯ୍ୟନ୍ତ କମ୍ ମୂଲ୍ୟରେ 'ସେମାଗ୍ଲୁଟାଇଡ୍' ବିକ୍ରି କରିବେ। ମେଦବହୁଳ ଅଳସୁଆ ଭାରତୀୟମାନଙ୍କ ପାଇଁ ଏହାଠାରୁ ବଳି ସୁଖବର ଆଉ କ'ଣ ହୋଇପାରେ! କିନ୍ତୁ ଏଥିସହିତ ସଂଯୁକ୍ତ ବିପଦ ପ୍ରତି ମଧ୍ୟ ସେମାନେ ସଚେତନ ହେବା ଉଚିତ। ଯେହେତୁ ଇଉରୋପ ଓ ଆମେରିକାରେ ୨୦୩୧ରେ ଯାଇ 'ସେମାଗ୍ଲୁଟାଇଡ୍' ପାଇଁ ପେଟେଣ୍ଟରେ ଅନ୍ତ ଘଟିବ, ସେ ପର୍ଯ୍ୟନ୍ତ ଭାରତୀୟ କଂପାନିମାନେ ସେଠାକୁ ସେମାନଙ୍କର ଜେନେରିକ୍ 'ସେମାଗ୍ଲୁଟାଇଡ୍' ରପ୍ତାନି କରିପାରିବେ ନାହିଁ। ଏଣୁ ସେମାନେ ସେଠାକାର କଠୋର ଗୁଣାତ୍ମକ ମାନ ନିୟନ୍ତ୍ରଣ ନିୟମ ପାଳନ କରିବାକୁ ବାଧ୍ୟ ହେବେ ନାହିଁ। ସେମାନେ ଯଦି ଏହାର ସୁଯୋଗ ନେଇ ଭାରତୀୟ ବଜାରରେ ହୁଗୁଳା ମାନର ଜେନେରିକ୍ ଔଷଧ ବିକ୍ରି କରନ୍ତି, ତେବେ ତାହାର ବ୍ୟବହାର ଯୋଗୁଁ ଗୁରୁତର ପାର୍ଶ୍ୱ ପ୍ରଭାବମାନ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଆଉ ଭାରତୀୟ ମାନ ନିୟନ୍ତ୍ରଣ କିପରି ହୁଗୁଳା ହୋଇପାରେ ତାହା ନିକଟ ଅତୀତରେ ଘଟିଥିବା ଏକାଧିକ କଫ୍ ସିରପ୍ କେଲେଙ୍କାରୀରୁ ସାବ୍ୟସ୍ତ ହୋଇଥାଏ।

ଦ୍ୱିତୀୟରେ ଡାକ୍ତରଙ୍କ ବିନା ତତ୍ତ୍ୱାବଧାନରେ ଏଇ ଔଷଧର ବ୍ୟବହାର ବିପଜ୍ଜନକ ହୋଇପାରେ। ଆମେ ଭାରତୀୟମାନେ କିନ୍ତୁ ଅନେକ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ ନ କରି ସିଧାସଳଖ ଦୋକାନରୁ କିଣି ଔଷଧ ବ୍ୟବହାର କରିଥାଉ। ସେଇ ଧାରାର ଅଂଶସ୍ୱରୂପ ଏବେ ଦେଖାଗଲାଣି ଜିମ୍‌ରେ ଶରୀରଚର୍ଯ୍ୟା ପାଇଁ ଏଇ ଔଷଧର ବ୍ୟବହାର କରାଯିବା ଠାରୁ ଆରମ୍ଭ କରି ବିବାହ ପୂର୍ବରୁ ତରୁଣୀମାନେ ଏହାକୁ ସେବନ କରି ତନୁପାତଳୀ ହେବାକୁ ଚେଷ୍ଟା କରୁଛନ୍ତି। କହିବା ବାହୁଲ୍ୟ, ମେଦବୃଦ୍ଧି ଯେଉଁଭଳି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ, ତାହାର ସାମୟିକ ଆଶୁ ସମାଧାନ ପାଇଁ ଏଭଳି ବିଶୃଙ୍ଖଳିତ ଉଦ୍ୟମ ମଧ୍ୟ ଅନୁରୂପ ସମସ୍ୟା ସୃଷ୍ଟି କରିବ। ଭାରତର ଔଷଧ ନିୟନ୍ତ୍ରକ ଓ ଚିକିତ୍ସକ ଗୋଷ୍ଠୀ ଏଥିପ୍ରତି ସତର୍କ ରହିବା ଜରୁରି।

ଜାତୀୟ ଚେତନା
JATIYA CHETANA



# ଓଡ଼ିଶାରେ ଆରମ୍ଭ ହୋଇଛି ଦ୍ୱିତୀୟ ଶିଳ୍ପ ବିପ୍ଳବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଆମ ସରକାର ଆସିବା ପରେ ଓଡ଼ିଶାରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ପୂର୍ବରୁ କେବଳ ଖଣି ଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଆମ ସରକାର ଏଆଇ, ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସ୍ୟୁଟିକାଲ ଭଳି 'ନ୍ୟୁ ଇକୋନୋମୀ' କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଖୋର୍ଦ୍ଧାଠାରେ ଇନଫୋଭେଲି-୨ସ୍ଥ 'ଓ୍ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକ୍‌ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଓ୍ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ବ୍ରାଣ୍ଡ୍ ଆଜି ସ୍ମାର୍ଟ ଇନଫ୍ରାଷ୍ଟ୍ରକଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି। ଓ୍ୱେ-ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ଓ୍ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ। ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏମ୍ଏସ୍ଏମ୍ଇ ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ରାଜ୍ୟ ସରକାର ସହଜରେ ଏମଏସଏମଇ ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏମଏସଏମଇ ଇଣ୍ଡଷ୍ଟ୍ରି ବସେଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓ୍ୱେ-ଟ୍ରାକ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଙ୍ଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ଜଳଯୋଗାଣ ସମ୍ବନ୍ଧିତ ସମସ୍ତ ପ୍ରକଳ୍ପ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,(ଜା.ପ୍ର): ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ତଥା ୱାଟ୍‌କୋର ପ୍ରକଳ୍ପ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ଚଳିତ ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ପ୍ରତିଟି ଘର ପାଇଁ ଜଳଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଟି ଘରକୁ ଶତ ପ୍ରତିଶତ ଜଳଯୋଗାଣ ସୁନିଶ୍ଚିତ କାରିବାକୁ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭିନ୍ନ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକାଦାର ଏବଂ ସଂସ୍ଥାମାନଙ୍କୁ ସଚ୍ଚୋଟତାର ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ କାମ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କ ପକ୍ଷରୁ କାମରେ ବିଳମ୍ବ, ଅବହେଳା କିମ୍ବା ଦୁର୍ନୀତିର ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ବ୍ରଜରାଜନଗର ଓ ବେଲପାହାଡ ପୌରାଞ୍ଚଳରେ ଚବିଶ ଘଣ୍ଟିଆ ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ଛଡାରମା ଠାରେ ୧୫୦୦ କିଲୋଭୋଲ୍ଟର ଜେନେରେଟର୍ ସଂସ୍ଥାପନ କାର୍ଯ୍ୟ ଚଳିତ ମାସ ଶେଷ ସୁଦ୍ଧା ସାରିବାପାଇଁ ନିର୍ଦ୍ଦେଶ ଦେବା ସହ ବ୍ରଜରାଜନଗର ଓ ବେଲପାହାଡ ସହରରେ ଯଥାକ୍ରମେ ୨୭କୋଟି ୭୮ ଲକ୍ଷ ଟଙ୍କା ଓ ୩୫ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ଚାଲୁରହିଥିବା ଜଳବିଶୋଧନାଗାର ଓ ତତ୍ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବା ପାଇଁ ମନ୍ତ୍ରୀ ସବିଶେଷ ଆଲୋଚନା କରିଥିଲେ। ସେହିପରି ଲଖନପୁର ବ୍ଲକରେ ୩୩ ଗୋଟି ପଞ୍ଚାୟତରେ ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ଜଳ ଯୋଗାଇ ଦେବାକୁ ୨୧୮ କୋଟି ଟଙ୍କା ବ୍ୟୟରେ ଚାଲୁଥିବା ୨ଟି ପ୍ରକଳ୍ପ ମଧ୍ୟରୁ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ୧୬ଟି ପଞ୍ଚାୟତର ୭୯ଟି ଗ୍ରାମକୁ ଜଳ ଯୋଗାଣ ଠିକ୍ ଭାବରେ ଚାଲିଥିବା ବେଳେ ଅନ୍ୟ ପ୍ରକଳ୍ପଟି ଆଂଶିକ କାର୍ଯ୍ୟକ୍ଷମ ହୋଇ ୧୭ଟି ପଞ୍ଚାୟତମଧ୍ୟରୁ ୧୨ଟି ପଞ୍ଚାୟତର ୪୨ଟି ଗ୍ରାମକୁ ଜଳ ଯୋଗାଇ ଦିଆଯାଉଛି। ସେହିପରି ଝାରସୁଗୁଡ଼ା ବ୍ଲକରେ ୫ଟି ପଞ୍ଚାୟତର ୩୪ଟି ଗ୍ରାମ ମଧ୍ୟରୁ ୨୬ଟି ଗ୍ରାମରେ ପ୍ରତ୍ୟେକ ଘରକୁ ନଳ ମାଧ୍ୟମରେ ଜଳ ଯୋଗାଣ ଠିକ୍ ଭାବରେ ଚାଲିଥିବା ବେଳେ ଅନ୍ୟ ୮ଟି ଗ୍ରାମକୁ ଚଳିତ ମାସ ଶେଷସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷକରି ଜଳ ଯୋଗାଇ ଦେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫-୨୬ ବର୍ଷରେ ଝାରସୁଗୁଡା ବ୍ଲକରେ ୫୩ଟି ଗଭୀର ନଳକୂପ ଖନନ କରି ଲୋକମାନଙ୍କ ବ୍ୟବହାର ନିମନ୍ତେ ଯୋଗାଇ ଦିଆଯାଇଥିବା ବେଳ ଚଳିତ ବର୍ଷ ଆଉ ୪୩ଟି ନଳକୂପ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସରକାରଙ୍କ ତରଫରୁ ଯୋଗାଇଦିଆଯାଇଥିବା ଅର୍ଥ, ଅର୍ଥ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପାଣ୍ଠି ଏବଂ ସିଏସଆର୍ ପାଣ୍ଠି ଅଧୀନରେ ଚାଲିଥିବା ପ୍ରକଳ୍ପ ସବୁର ସମୀକ୍ଷା କରାଯାଇଥିଲା।

# ଓଡ଼ିଶାର ଆର୍ଥିକ ପ୍ରଗତିରେ ଆସିବ ନୂତନ ଜୁଆର: ମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସ୍ଥାନୀୟ କୃଷିଭବନ ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏଥିରେ ଅଧକ୍ଷତା କରିଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ମତ୍ସ୍ୟ ଉତ୍ପାଦନରେ ବ୍ୟାପକ ବୃଦ୍ଧି ଦ୍ୱାରା ଓଡ଼ିଶାର ଆର୍ଥିକ ପ୍ରଗତିରେ ନୂତନ ଜୁଆର ଆସିବ। ଗ୍ରାମାଞ୍ଚଳର ଚାଷୀଟିଏ ବିକଶିତ ହେଲେ ହିଁ ବିକଶିତ ଓଡ଼ିଶା ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ।

ଏହି ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା-'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା', 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଓଡ଼ିଶା ବର୍ତ୍ତମାନ ଦେଶରେ ମାଛ ଉତ୍ପାଦନ ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇଛି। ବର୍ତ୍ତମାନ ମାଛ ଉତ୍ପାଦନ ୧୧.୯୨ ଲକ୍ଷ ମେଟ୍ରିକ ଟନ ହୋଇଥିବାବେଳେ ଆଗାମୀ ବର୍ଷ ସୁଦ୍ଧା ଏହାକୁ ଦୁଇ ଗୁଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଓଡ଼ିଶା ସରକାରଙ୍କ 'ଭିଜନ-୨୦୩୬' ଅନୁଯାୟୀ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ସହ ଏକ ଅଗ୍ରଣୀ ଓ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପକୁ ସାକାର କରିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଗ୍ରାମାଞ୍ଚଳର ମହିଳାମାନଙ୍କୁ ମାଛଚାଷ ମାଧ୍ୟମରେ ସଶକ୍ତ କରିବା ଏବଂ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଆଧୁନିକ ଜ୍ଞାନକୌଶଳ ଯଥା ବାୟୋଫ୍ଲକ ଓ କେଜ କଲ୍ଚର ପ୍ରତି ଆକୃଷ୍ଟ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ମଲ୍ଲିକ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଧାନ ସହ ମାଛ ଚାଷ ମାଧ୍ୟମରେ ଏକ ସମୟରେ ଉଭୟ କ୍ଷେତ୍ରରୁ ଅଧିକ ଲାଭ ପାଇବା ନିମନ୍ତେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିକଶିତ ଓଡ଼ିଶା ମାଧ୍ୟମରେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ବିଭାଗ ପକ୍ଷରୁ 'ଶ୍ରୀମ୍ପ ମିଶନ', ଗଭୀର ସମୁଦ୍ରରୁ ମାଛ ଉତ୍ପାଦନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ରାଜ୍ୟର ବିଭିନ୍ନ ଜଳଭଣ୍ଡାରକୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ପଞ୍ଜୁରୀରେ ମାଛ ଚାଷ ଭଳି ଅଭିନବ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଆକ୍ୱା ପାର୍କ, ମାଛ ଅବତରଣ କେନ୍ଦ୍ର, ଶୀତଳ ଭଣ୍ଡାର ଏବଂ ଅତ୍ୟାଧୁନିକ ତାଲିମ କେନ୍ଦ୍ର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି, ଯାହା ଭବିଷ୍ୟତରେ ମତ୍ସ୍ୟ କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଆଶା ବ୍ୟକ୍ତ କରିଛନ୍ତି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧରୀ ସମସ୍ତ ବିଭାଗୀୟ ଯୋଜନାର ସଫଳ ରୂପାୟନ ନିମନ୍ତେ ଅଧିକାରୀମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର ମତ୍ସ୍ୟ ଅଧିକାରୀ ଓ ନିର୍ଦ୍ଦେଶାଳୟର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ବିଭାଗୀୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

## ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସଂକଳ୍ପ ଜାରି

# ଯୋଜନା ବୋର୍ଡ ବଦଳରେ ସିଟି-ଓଡ଼ିଶା

ଭୁବନେଶ୍ୱର,(ଜା.ପ୍ର): ଦୀର୍ଘ ଦଶନ୍ଧି ଧରି ରାଜ୍ୟର 'ନିତି ଓ ବିକାଶ'ର ଥିଙ୍କଟ୍ୟାଙ୍କ ପାଲଟିଥିବା 'ଯୋଜନା ବୋର୍ଡ' ଏବେ ଇତିହାସ। କାରଣ ରାଜ୍ୟ ଯୋଜନା ବୋର୍ଡ ହେବ ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଫର ଟ୍ରାନ୍ସଫର୍ମେଟିଭ ଇନିସିଏଟିଭି (ସିଟି) ଓଡ଼ିଶା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରହିବେ ଗଭର୍ଣ୍ଣିଂ କାଉନସିଲ୍‌ର ଅଧ୍ୟକ୍ଷ। ସିଟି-ଓଡ଼ିଶା ସରକାରଙ୍କ ଏକ ଥିଙ୍କ ଟ୍ୟାଙ୍କ ବା ଏକ ଶୀର୍ଷସ୍ତରୀୟ ଏକ ରଣନୈତିକ ପରାମର୍ଶଦାତା ସଂସ୍ଥାଭାବେ କାର୍ଯ୍ୟ କରିବ। କେନ୍ଦ୍ର ସରକାରଙ୍କ ନିତି ଆୟୋଗ ଢାଞ୍ଚାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର 'ସିଟି-ଓଡ଼ିଶା'ର ସ୍ଥାପନ କରିବାକୁ ଯାଉଛନ୍ତି। ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଓ ୨୦୪୭ ସୁଦ୍ଧା 'ବିକଶିତ ଓଡ଼ିଶା'ର ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ମୋହନ ସରକାର ଏହି 'ସିଟି-ଓଡ଼ିଶା' ଗଠନ କରି ରାଜ୍ୟରେ ପ୍ରଶାସନିକ ରଣନୀତି, ପ୍ରମାଣଭିତ୍ତିକ ନୀତି-ଯୋଜନା ପ୍ରଣୟନ ଓ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ନେଇ ଆଗକୁ ବଢ଼ିବା ସହ ବିକାଶର ଧାରାରେ ଏକ ବଡ଼ଧରଣର ରୂପାନ୍ତର ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏପ୍ରିଲ ୧୭ତାରିଖରେ 'ସଂକଳ୍ପ' ଜାରି ମାଧ୍ୟମରେ ସିଟି-ଓଡ଼ିଶା ଗଠନକୁ ମୋହନ ସରକାର ବାସ୍ତବ ରୂପ ଦେଇଛନ୍ତି।

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏହି ସମ୍ପର୍କିତ ଏକ ସଂକଳ୍ପ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ପୂର୍ବରୁ ୧୮ ଜୁଲାଇ ୨୦୨୪ ରେ 'ରାଜ୍ୟ ଯୋଜନା ବୋର୍ଡ'କୁ ଭାଙ୍ଗି ଦେଇଛନ୍ତି। ଯେହେତୁ ପାରମ୍ପରିକ ଯୋଜନା ପ୍ରଣାଳୀ ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ହୋଇପଡ଼ିଛି, 'ସିଟି-ଓଡ଼ିଶା' ବର୍ତ୍ତମାନ ସମୟରେ ଏକ ଦୂରଦୃଷ୍ଟିସମ୍ପନ୍ନ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବ। ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ ନୀତି ପ୍ରସ୍ତୁତ କରିବାକୁ ଆଧୁନିକ ଚିନ୍ତାଧାରା ସହିତ ଇନୋଭେସନ, କୋ-ଅପରେଟିଭ୍ ଫେଡେରାଲିଜିମ୍ ଏବଂ ମାପଯୋଗ୍ୟ ଫଳାଫଳ ସମ୍ପର୍କରେ ପରାମର୍ଶ ଯୋଗାଇଦେବ। ଏହା ସର୍ବୋଚ୍ଚ ସ୍ତରରେ ସରକାରଙ୍କୁ ରଣନୈତିକ ଦିଗଦର୍ଶନ ପ୍ରଦାନ କରିବ।

'ସିଟି-ଓଡ଼ିଶା' ମୁଖ୍ୟତଃ ଛଅଟି ବିଷୟ ଉପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନ କରିବ। ସେଗୁଡ଼ିକ ହେଉଛି ଅର୍ଥନୀତି ଓ ଅର୍ଥ , ଗ୍ରାମୀଣ ଅର୍ଥନୀତି ଓ ଜୀବିକା, ନିଯୁକ୍ତି ଓ ସହରୀ ବିକାଶ, ଚିନ୍ତାଧାରା ଓ ଇନୋଭେସନ, ଶକ୍ତି ପରିବର୍ତ୍ତନ ଏବଂ ପରିବେଶ ଓ ଜଙ୍ଗଲ ଏବଂ ଖଣି ଓ ପ୍ରାକୃତିକ ସମ୍ପଦ। 'ସିଟି-ଓଡ଼ିଶା' ର ଏକ ଗଭର୍ଣ୍ଣିଙ୍ଗ କାଉନସିଲ୍ ରହିବ। ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ରହିବେ। ଏଥିସହ ଜଣେ ଉପାଧ୍ୟକ୍ଷ, ୪ଜଣ ପୂର୍ଣ୍ଣ କାଳୀନ ସଦସ୍ୟ, ୯ଜଣ ଏକ୍ସ-ଅଫିସିଓ ସଦସ୍ୟ ଏବଂ ଦୁଇଜଣ ସ୍ପେଶାଲ ଇନ୍‌ଭାଇଟି ରହିବେ। ଏହି ପରିଷଦ ବର୍ଷକୁ ଅତିକମ୍‌ରେ ଥରେ ବୈଠକ କରିବେ। 'ସିଟି ଓଡ଼ିଶା'ର ଉପାଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିବ।

ବିଭିନ୍ନ କ୍ଷେତ୍ରର ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରିବେ। ସେମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇବେ। ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହାର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ଜଣେ ଚିଫ ଏକ୍‌ଜିକ୍ୟୁଟିଭ୍ ଅଫିସର ବା ସିଇଓ ନିଯୁକ୍ତ କରିବେ। ସିଇଓ ଆଇଏଏସ୍ କ୍ୟାଡରରେ ଜଣେ ପ୍ରମୁଖ ସଚିବ କିମ୍ବା କମିଶନର-ତଥା-ସଚିବ ପାହ୍ୟାର ହୋଇଥିବେ। ଏଥିସହିତ, ସମ୍ପୃକ୍ତ ବିଷୟବସ୍ତୁ ଉପରେ ଜ୍ଞାନ ଓ ଅଭିଜ୍ଞତା ଥିବା ଜଣେ ପ୍ରୋଗ୍ରାମ ଡାଇରେକ୍ଟର, ଏକ ବହୁମୁଖୀ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ଏକ ପ୍ରଶାସନିକ ୟୁନିଟ୍ ରହିବ। 'ସିଟି-ଓଡ଼ିଶା' ଅଧୀନରେ ଷ୍ଟେଟ ମନିଟରିଂ ଆଣ୍ଡ ଇଭାଲ୍ୟୁଏସନ ଅଫିସ ମଧ୍ୟ ରହିବ। ଏହା ଏଭିଡେନ୍ସ ଡ୍ରିଭେନ ଗଭର୍ଣ୍ଣାନ୍ସ ପାଇଁ ଏକ ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରିବ। 'ସିଟି-ଓଡ଼ିଶା' ସମ୍ପୂର୍ଣ୍ଣ ଭାବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ।

ଜାତୀୟ ଚେତନା
JATIYA CHETANA



# ନିମ୍ବ ଫୁଲର ହସ



ଅମ୍ବିକା ସ୍ୱାଇଁ

ଚୈତାଳୀ ପବନରେ ନିମ୍ବ କଢ଼ିର ମହମହ ମୃଦୁ ବାସ୍ନା ଦଲକାଏ ମଝିରେ ମଝିରେ ଝର୍କା ଫାଙ୍କରେ ଘର ଭିତରକୁ ପଶି ଆସୁଛି, ସେ ବାସ୍ନାରେ ସୁମିତ୍ରା ଦେବୀଙ୍କର ମନ ରୋମାଞ୍ଚିତ ହେଉଛି ସତ, କିନ୍ତୁ ତାଙ୍କର ଅସହାୟ ପଣ ଯେମିତି ତାଙ୍କୁ ପରିହାସ କରୁଛି, ମନେ ପଡି ଯାଉଛି,ପୁରୁଣା ଅତୀତ । ପାଖରେ ନାହାନ୍ତି ଆଜି ସ୍ୱାମୀ କିମ୍ବା ଶାଶୁ, ଶ୍ୱଶୁର । ପୂର୍ବରୁ ହରାଇ ଥିଲେ ଶାଶୂ ଶ୍ୱଶୁରଙ୍କୁ । ସେଦିନର ସେହି ଦୁର୍ଦ୍ଦିନ ବେଳ ନିଜ ଗାଁ ଭଦ୍ରକରୁ କଟକକୁ ଫେରୁଥିଲେ, ସ୍ୱାମୀ, ସ୍ତ୍ରୀ । ସୁବାସ ବାବୁ ନିଜେ କାର ଡ୍ରାଇଭିଂ କରି ଆସୁଥିଲେ,ହଠାତ୍ ପଛରୁ ଏକ ମାଲବାହୀ ଟ୍ରକ କାର ଟିକୁ ଧକ୍କା ଦେଇ ସ୍ୱାମୀଙ୍କର ଜୀବନ ନେଇଗଲା, ହୃଦୟରେ ଏମିତି ଏକ ଦୁଃଖର କଳାଦାଗ ସବୁଦିନ ପାଇଁ ସ୍ମୃତିହୋଇ ରହିଗଲା, ସେହି କଥାକୁ ମନେ ପକାଇ ସୁମିତ୍ରା ଦେବୀ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଭାବୁଛନ୍ତି, ମୋତେ କାହିଁକି ଏମିତି ଅଧାମରା କରି ଅଚଳ କରି ବିଛଣାରେ ପକାଇ ଦେଇ ଗଲାଯେ,ନା ମୁଁ ମରି ପାରୁଚି ନା ମୁଁ ବଞ୍ଚି ପାରୁଛି । ସବୁ ସେହି ଦୁର୍ଭାଗ୍ୟର ଖେଳ । କାହିଁକି ମୋର ବି ଏ ଜୀବନ ଟାକୁ ନେଲାନି କେଜାଣି । କିଛି ତ କାମ କରି ପାରୁନି, ବରଂ ଅନ୍ୟ ମାନଙ୍କୁ ହଇରାଣ କରୁଚି । ଏମିତି ଜୀବନର ବା ମୂଲ୍ୟ କ'ଣ ? ଏମିତି ଭାବନା ଭିତରେ ବୁଡି ରହି ଥାନ୍ତି ସୁମିତ୍ରା ଦେବୀ,ସ୍ୱାମୀଙ୍କର ଫଟୋକୁ ଚାହିଁ ଆଖିରୁ ବୋହି ଯାଉଥାଏ କେଇ ବୁନ୍ଦା ଲୁହ । ଯେମିତି ଏକ ଅସହାୟ ଜୀବନ ଯନ୍ତ୍ରଣାରେ ସନ୍ତୁଳି ହେଉଥାନ୍ତି ସେ ।

ପୁଅ ମନୋଜ, ମା'ର ଯତ୍ନ ନେବା ପାଇଁ ରଖି ଥିବା ପାଟ୍ ଟାଇମ ନର୍ସ ଟି ଆସି ଯାହା ଟିକେ ଦେଖାଶୁଣା କରି ଦେଇଯାଏ । ଗୋଟିଏ ବୋଲି ଗେହ୍ଲା ପୁଅ ଆଗକୁ ନାହିଁ କି ପଛକୁ ନାହିଁ । ସେ ସକାଳ ୯ଟାରୁ କଟକରୁ ଭୁବନେଶ୍ୱର ଯାଏ ଯେ ଅଫିସ କାମ ସାରି ଫେରେ ରାତି ୧୦ ଟାରେ ଘରକୁ । ମା'ର ଭଲ ମନ୍ଦ ବୁଝିବାକୁ ତା ପାଖରେ ସମୟ ବାକାହିଁ ? ତଥାପି ସୁମିତ୍ରା ଦେବୀ ରାତି ଖାଇବା ନ ଖାଇ ପୁଅର ଆସିବା ବାଟକୁ ଚାତକ ପରି ଚାହିଁ ରହିଥାନ୍ତି, ପୁଅ ଆସିଲେ,ପ୍ରଥମେ ମାଆଙ୍କ ରୁମ୍‌କୁ

ଯାଏ ,ବୋଉ କେମିତି ଅଛୁ ? ବୋଲି ଭଲ ମନ୍ଦ ପଚାରେ ବୋଉର ଆନନ୍ଦ କହିଲେ ନ ସରେ । ସେତିକିରେ ମା' ମନ ଗର୍ବରେ ଫାଟି ପଡେ ପୁଅ ବୋହୂ ଖୁସିରେ ରହିଲେ ମା' ମନ ବେଶ୍ ଖୁସି । ସବୁ ଦିନ ପରି ପୁଅ ଅଫିସରୁ ଆସିଲା ପରେ ରାତି ଖାଇବା ଖାଇ ସାରି ଶୁଅନ୍ତି, ସେଦିନ ବି ସୁମିତ୍ରା ଦେବୀ ଖାଇବା ସାରି ଶୋଇଲେ, ନିଦ କିନ୍ତୁ ଧରା ଦେଉନାହିଁ ,ଆଖି ପଲକ୍ ପଡୁନି ଏମିତି ଏପଟ ସେପଟ ହୋଇ ରାତି ପାହି ଆସିଲା କାଉ କାକା ଡାକ ଛାଡ଼ିଲା । ସୁମିତ୍ରା ଦେବୀ ହାତ ବଢାଇ ଝରକା ଖୋଲି ବାହାରକୁ ଚାହିଁଲେ, ଆଖିରେ ପଡିଗଲା ପୁଣି ସେହି ନିମ୍ବ ଗଛ ତା'ଫୁଲର ସେହି ମୃଦୁ ମହକ୍ । ଲାଗୁ ଥାଏ ସତେ ଏ ନିମ୍ବଫୁଲ ଗୁଡ଼ା ଯେମିତି ତାଙ୍କୁ ଦାନ୍ତ ନିକିଟେଇ ଖତେଇ ହୋଇ ହସୁ ଛନ୍ତି,ଭାରି ଇଚ୍ଛା ହେଉଛି, ନିମ୍ବ କଢ଼ିର ବରା ଖାଇବା ପାଇଁ । ନିମ୍ବ କଢିର ବରା କଥା ମନେ ପକେଇ ପାଟିରୁ ଯେମିତି ତାଙ୍କର ଲାଳ ବୋହି ଆସୁଛି, ହେଲେ ମନର ଇଚ୍ଛାକୁ ମନରେ ମାରି ରଖିଛନ୍ତି । ସେଦିନ ପୁଅ ଅଫିସ ଗଲା ପରେ, ପୁଣି ସେହି ନିମ୍ବ ଗଛକୁ ଚାହିଁ, ବୋହୂ ଦୀପ୍ତିକୁ ଡାକ ଛାଡ଼ିଛନ୍ତି ଆରେ ମା ଦୀପ୍ତି କୁଆଡେ ଗଲୁ ? ନାତୁଣୀ ଲିସ୍ବା ଦୋ ?ଡି ଆସି କହୁଛି ଜେଜିମା' କ'ଣ ହେଲା, ମାମା ପଡିଶା ଘରକୁ ଯାଇଛନ୍ତି, କଣ ଦରକାର କହୁନ ମୋତେ । ଆଲୋ ନାତୁଣୀ ମୋର କ'ଣ ଦରକାର ତୋତେ କହିବି ତୁ କଣ ସେ କାମ କରି ପାରିବୁ ? ଆରେ ଜେଜି ମା ତୁମେ ଆଗେ ମୋତେ କୁହ ତ ! ନା ମ କିଛି; ନାହିଁ ତୋ'ମାମା ଆସୁ । ଏଇ ଦେଖିଲୁ ଆମ ବାଡି ପାଖରେ ଯେଉଁ ନିମ୍ବ ଗଛଟି ହୋଇଛି ସେଥିରେ କେତେ ଫୁଲ ହୋଇଛି, ବାସି ମହକୁଛି । ମୋର ଭାରି ଇଚ୍ଛା ହେଉଛି ଲିମ୍ବ କଢି ବରା ଖାଇବାକୁ ତୋ ମାମା ଯଦି ବନେଇ ଦିଅନ୍ତା, ମୁଁ ଟିକେ ଖାଇ ପାରନ୍ତି । କେତେ ଥର ତାକୁ କହିଲିଣି ହେଲେ ସେ କ'ଣ ଶୁଣୁଛି ! ଦେହ ଯେତେବେଳେ ଭଲ ଥିଲା, ନିଜେ କରି ପାରୁଥିଲି, ନିଜେ ଖାଉଥିଲି, ପରିବାରଙ୍କୁ ଖୁଆଉଥିଲି, ଚୈତ୍ର ମାସ ସାରା, ନିମ୍ବ ଫୁଲ ଓ କଅଁଳ ପତ୍ରରେ କେତେ ପ୍ରକାର ଆଇଟମ୍ କରୁଥିଲି । ମୋ ଶାଶୂଙ୍କଠାରୁ ଶିଖିଥିଲି, ଲିମ୍ବ କଢ଼ିରେ କେମିତି ବରା ତିଆରି ହୁଏ । ଅରୁଆ ଚାଉଳରେ କଞ୍ଚା ଆଳୁ, ଲଙ୍କା ପିଆଜ ଜିରା ପକାଇ ବାଟି ଦେଲା ପରେ ଲିମ୍ବ କଢ଼ିକୁ ସେଥିରେ ମିଶାଇ ସ୍ୱାଦ ଅନୁସାରେ ଲୁଣ ପକାଇ କଡ଼େଇ ବା ତାଉଆରେ ତେଲ ଦେଇ ବରା ପରି ଭାଜି ଭାତ ସହ ଖାଇବାକୁ ଭାରି ଭଲ ଲାଗେ । ପାଟିକୁ ସିନା ପିତା,ଦେହ ପାଇଁ ତାର ଉପକାରିତା କହିଲେ ନ ସରେ । ପିଲା ଦିନେ ଯେତେବେଳେ ମାମୁ ଘରକୁ ଯାଉଥିଲି, ଆଈ ମୋର ନିମ୍ବ କଢି ଓ ପତ୍ରକୁ ବାଇଗଣ ଆଳୁ ଦେଇ ଭାଜନ୍ତି,ପିତା ଲାଗେ ବୋଲି ଖାଉ ନଥିଲି । ମୋ ଆଈ ରାଗିକି କହୁଥିଲେ ଆଲୋ ଖାଲୋ ଟୋକଳ, ଏତେ ଫୁଲେଇ କଣ୍ ହେଉଛି ? କାଛୁ କୁଣ୍ଡିଆ ହେବ ଯଦି ପାନେ ପାଇବୁ । କଥାରେ ପରା କହନ୍ତି 'ଚୈତ୍ରେ ଖାଇଲେ ପିତା,ରୋଗଠୁ ହୋଇବ ଜିତା ।'

ପିଲା ଦିନେ ମୋ ଜେଜେ ମା'ଙ୍କୁ ତ ଦେଖି ନଥିଲି, ମୋ ଜନ୍ମ ପୂର୍ବରୁ ମୋ ଜେଜେ ମା' ସ୍ୱର୍ଗବାସୀ ହୋଇ ଯାଇଥିଲେ, ଆଈଙ୍କଠାରୁ କିନ୍ତୁ ଶୁଣିଥିଲି, ସେ ଯେତେବେଳେ ଛୋଟ ହୋଇ ଥିଲେ ଏହି ସମୟରେ ଚାରିଆଡ଼େ, ବସନ୍ତ, ରୋଗ ହାଡ଼ଫୁଟି ,ମିଳିମିଳା ପ୍ରବଳ ହେଉଥିଲା । ଏମିତିକି ବସନ୍ତ ରୋଗରେ କେତେ ଲୋକଙ୍କର ଜୀବନ ଚାଲି ଯାଉଥିଲା । ବସନ୍ତ ରୋଗ ହେଲେ ଠାକୁରାଣୀ ଆସିଛନ୍ତି ବୋଲି ସେତେବେଳେ ଲୋକେ କହୁଥିଲେ । ଗାଁ ଗଣ୍ଡାରେ ତାଟି କବାଟ ପଡି ଯାଉଥିଲା । ଏବେ ସେହି ସବୁ ରୋଗର ନିରାକରଣ ପାଇଁ ପ୍ରତିଷେଧକ ଟିକା ସବୁ ବାହାରିଲା । ହେଲେ ଆମ ଛୁଆ ଦିନେ ଏ ସବୁ ରୋଗ ବହୁତ୍ ହେଉ ଥିଲା, ସେଥିପାଇଁ ଭାରି ଡର ଲାଗୁଥିଲା । ଜାଣିଲୁ ମା ଲିସ୍ବା, ମୋର ମନେ ଅଛି, ପିଲାଦିନେ ମୁଁ ତୃତୀୟ ଶ୍ରେଣୀରେ ପଢୁଥିବା ସମୟରେ ଥରେ ମାମୁ ଘରେ ଥିଲା ଭିତରେ ମୋର କାଛୁ ହୋଇଥିଲା ମୋ ଆଈ ନିମ୍ବ ପତ୍ରରେ ଖଣ୍ଡ ହଳଦୀକୁ ବାଟି ମୋ ଦେହରେ ଲଗେଇ ଦିଅନ୍ତି, ପୁଣି ଲିମ୍ବ ଗଛର ଛାଲିକୁ ପାଣିରେ ସିଝାଇ କାଛୁକୁ ସେହି ପାଣିରେ ରଗଡି ଘସି ରକ୍ତ ବାହାରିବା ଯାଏ ଧୁଅନ୍ତି ।

– କହନା ଲୋ' ମା କି କଷ୍ଟ । ଖାଲି କ'ଣ ମୁଁ ! ସେତେବେଳେ ସେ ଜାଛୁ କୁଣ୍ଡିଆ ବେମାରୀ ଏତେ ମାରାତ୍ମକ ତାକୁ ଡ଼ିଆଁ ରୋଗ ବୋଲି କୁହାଯାଏ । ଜଣକ ଠାରୁ ଡେଇଁ ଆଉ ଜଣକୁ ବ୍ୟାପୁଥିଲା । ଏହି ନିମକଢ଼ି ପତ୍ର,ଛାଲି ସବୁଥିଲା ଏହି ରୋଗର ମହୋଷଧୀ ।

ଏମିତି ଜେଜି ମା ନାତୁଣୀ ଭିତରେ କଥା ଚାଲିଥାଏ । ବୋହୂ ଦୀପ୍ତି ଯେମିତି ପଡିଶା ଘରୁ ଆସିଛି, ଝିଅ ଲିସ୍ବା ସଙ୍ଗେ ସଙ୍ଗେ କହି ପକାଇଲା ମାମା,ମାମା !

– ଆଚ୍ଛା ଜେଜି ମା ଙ୍କ ପାଇଁ ଏହି ନିମ୍ବ ଗଛରୁ ଫୁଲ ଆଣି ବରା ଟିକେ ବନେଇ ଦେଉନା ଜେଜି ମା' ବି ଖାଇବେ ମୁଁ ବି ଖାଇବି । ଏ କଥା ଶୁଣି ଦୀପ୍ତି ମୁହଁକୁ ମୋଡି ଦେଇ, ହୁଁ ଯା' ମ ଏଠୁ, ପାଠ, ପଢ଼ିବୁ ବେଶୀ କହୁଛି । ଲିସ୍ବା ବିଚାରି ତା' ମାମା କୁ ଡରି ଜେଜେ ମା' ଙ୍କ ମୁହଁ କୁ ଟିକେ ଚାହିଁ ସେଠୁ ପଳେଇ ଗଲା । ବହି ଧରି ବସିଲା ହେଲେ ପାଠରେ ତା'ର ମନ ଲାଗୁ ନ ଥାଏ । ଯୋଗକୁ ହଠାତ୍ ରାତି ଦଶଟାରେ ତା' ମାମୁଘରୁ ଫୋନ ଆସିଲା ତା' ଅଜାଙ୍କ ଦେହ ଭଲ ନାହିଁ । ତା' ମାମା ତାଗିତ କରି କହିଲା ଶୁଣୁ ଲିସ୍ବା ମୁଁ କାଲି, ତୋ ମାମୁ ଘରକୁ ଯିବି, ସମୟ ନଷ୍ଟ ନ କରି ପାଠ ପଢ଼ିବୁ । ଦୀପ୍ତି ସକାଳୁ ଉଠି ରୋଷେଇ ସାରି, ତା' ବାପାଙ୍କୁ ଦେଖି ବାକୁ ଚାଲିଗଲା । ସେହି ଏକା କଟକ ସହରରେ ତା' ବାପାଙ୍କ ଘର । ଲିସ୍ବା ମନରେ କେମିତି ଗୋଟେ ଖୁସି ଉଙ୍କି ମାରିଲା । କେମିତି ସେ ତା' ଜେଜେ ମାଆ ଙ୍କୁ ନିମ୍ବ କଢ଼ିର ଭଜା ବରା ଖୁଆଇବ । ଚିନ୍ତାରେ ପଡ଼ିଲା କଣ୍ କରିବ ଭାବି ଭାବି,ନିମ୍ବ ଗଛ ମୂଳକୁ ଗଲା ଲିମ୍ବ ଗଛକୁ ବିକଳରେ କାକୁତି ମିନତି ହୋଇ କହିଲା ହେ ଗଛ ଟିକେ ମୋ ହାତ ପାଖକୁ ଟିକେ ଆ,ନା । ମୁଁ ତୋତେ ହାତ ଯୋଡି ପ୍ରାର୍ଥନା କରୁଚି । ତୁ ମୋ ହାତରେ ଧରାଦେଲେ ମୁଁ କିଛି ଫୁଲ ନେଇ,ବରା କରି ମୋ ଜେଜେ ମା'ଙ୍କୁ ଖୁଆନ୍ତି । ଏହି ସମୟରେ କେଉଁଠି ଥିଲା କେଜାଣି ହଠାତ୍ ଏକ ମାଙ୍କଡ ଲଥ କିନା ଏତେ ଜୋର୍ ରେ ଗଛ ଉପରେ ବସି ପଡ଼ିଲା ଯେ 'ନିମ୍ବ ଗଛରୁ ଡାଳଟେ ଭାଙ୍ଗି ତଳେ ପଡିଗଲା । ସତେ ଯେମିତି ପ୍ରକୃତି ରାଣୀ କୁନି ଝିଅ ଟିର ବିକଳ ଡାକ ଶୁଣି ପାରି ମାଙ୍କଡ଼ ରୂପରେ ଆସି ଡାଳଟିଏ ଭାଙ୍ଗି ଦେଇଗଲା । ଯାହା ବି ହେଉ, ଲିସ୍ବା ମନରେ ଅସରନ୍ତି ଖୁସି, ସେହି ଡାଳରୁ ଫୁଲ ପତ୍ର ତୋଳି ଘରକୁ ଆଣିଲା, ରୋଷେଇ ଘରକୁ ଯାଇ ତା' କାମରେ ସେ ଲାଗି ପଡ଼ିଲା । ଇଚ୍ଛା ଥିଲେ ଉପାୟ ନିଶ୍ଚୟ ଆସେ । ମାତ୍ର ଷ୍ଟାଣ୍ଡଡ୍ ଥ୍ରୀରେ ପାଠ୍ ପଢୁଥିବା ଲିସ୍ବାର ବୁଦ୍ଧି, ତା' ଗଭୀର ଚିନ୍ତନ,ଅନ୍ୟର ହୃଦୟକୁ ବୁଝି ପାରିବାର କଳାକୁ ଯଦି ବଡ଼ ମାନେ ହୃଦୟଙ୍ଗମ କରି ପାରିବେ ବାସ୍ । ତା' ଜେଜି ମା'ଙ୍କର ମନକୁ ପଢି ପାରି ଥିବା ସମ୍ପର୍କର ମୂଲ୍ୟବୋଧତାକୁ ପରଖି ପାରିଥିବା ଏହି ଛୋଟିଆ ଝିଅଟି ଯେତେବେଳେ ପ୍ଲେଟ୍ରରେ ନିମ୍ବ ଫୁଲର ଭଜା ବରା ଧରି ସୁମିତ୍ରା ଦେବୀଙ୍କ ପାଖରେ ବସି ପଡ଼ିଲା ଓ ବରାରୁ ଖଣ୍ଡେ ଭାଙ୍ଗି ତାଙ୍କ ପାଟିରେ ପୁରାଇ ଦେଇ ହସି ହସି କହିଲା ଜେଜି ମା', ତୁମ ହାତ ନିମ୍ବ ବରା ଟେଷ୍ଟ ନା ମୋ ହାତ ବରା ? ଖାଇକି ଦେଖିଲ ? ସୁମିତ୍ରା ଦେବୀ, ନାତୁଣୀ ଲିସ୍ବାର ଏପରି ଆକସ୍ମିକ ଅବିଶ୍ୱସନୀୟ କାର୍ଯ୍ୟରେ ବିମୋହିତ ହୋଇଗଲେ ତାଙ୍କ ଅଜାଣତରେ,ନିରୁତାର ଛଳ ଛଳ ଅମାନିଆ ଆନନ୍ଦାଶ୍ରୁ ଦୁଇ ବୁନ୍ଦା ଚିବୁକର ଦୁଇ ଧାରେ ବୋହି ଗଲା । ସ୍ନେହରେ ଲିସ୍ବାର ମୁଣ୍ଡରେ ହାତ ରଖି ଆଦରରେ ତାକୁ କୋଳେଇ ନେଲେ, ଓ ପଚାରିଲେ ସତରେ ଲିସ୍ବା ତୁ ,ଏ ବରା କରିଛୁ ? ହଁ ଜେଜେ ମା' ତୁମର କ'ଣ ତୁମ ନାତୁଣୀ ଉପରେ ବିଶ୍ୱାସ ହେଉନି ? ହଁ ରେ ମା ବିଶ୍ୱାସ କାହିଁ ହେବନି ! ଏ ତ ଖାଲି ନିମ୍ବ ଫୁଲର ପିତା ବରା ନୁହେଁ ମୋ ରକ୍ତ କଣିକାରୁ ତିଆରି ହୋଇ ଥିବା ସମ୍ପର୍କର, ବିଶ୍ୱାସର ସେହି ଅମୃତ ହାତର ମଧୁ ପରଶ । ଲିସ୍ବା କ'ଣ ବୁଝିଲା କେଜାଣି, ତା'ର ଖୁସି କହିଲେ ନ ସରେ ।

ତା'ର କୋମଳ ମତି ଚୁଲିବୁଲି ପଣ ଭିତରେ ସେ ହଜିଗଲା, ମଜ୍ଜିଗଲା ମନ ଆନନ୍ଦରେ ଘେରାଏ ନାଚି ନାଚି ଗୀତର ସ୍ୱରରେ କହି ପକାଇଲା ମୋତେ ବି ରୋଷେଇ ଆସେ । ମୋତେ ବି ରୋଷେଇ ଆସେ । ମୋ ଜେଜେ ମା' ଦ ଗ୍ରେଟ୍ । ଜେଜେ ମା' ଶୁଣ ତୁମେ ସିନା ତୁମ ବାହାଘର ପରେ ତୁମ ଶାଶୂଙ୍କ ଠାରୁ ନିମ୍ବ ବରା ଶିଖିଥିଲ, ମୁଁ କିନ୍ତୁ...

ସୁମିତଦେବୀ କଥା ଅଟକାଇ ହସି ହସି ମଜା କରି କହିଲେ, ମୋ ନାତୁଣୀ ତ ଶାଶୂଘର ଯିବା ପୂର୍ବରୁ କେଡେ ସୁନ୍ଦର ରୋଷଇ କରି ଶିଖିଲାଣି ହଁ ଜେଜେ ମା ତୁମପାଇଁ ହିଁ ସମ୍ଭବ ହେଲା । ମୁଁ ବି ତୁମ ଠାରୁ ଶୁଣି ସେମିତି ଶିଖିଗଲି । ସୁମିତ୍ରା ଦେବୀ ନାତୁଣୀର କଥା ଶୁଣି ତାଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବୁନ୍ଦା ବୋହିଗଲା । ପୁଲକିତ ନୟନରେ ତାକୁ ପୁଣି ଥରେ ଅତି ଆଦରରେ ନିଜ ଛାତି ପାଖକୁ ଆଉଜାଇ ନେଲେ ଲିସ୍ବାର ମୁଣ୍ଡରେ ହାତରଖି ଅସରନ୍ତି ଆଶୀର୍ବାଦ ଅଜାଡି ଦେଲେ । ଝରକା ବାଟେ ସେ ନିମ୍ବ ଗଛକୁ ଚାହିଁ ଅନୁଭବ କରୁଥିଲେ, ସତରେ । ନିମ୍ବ ଗଛରେ ଥିବା ଫୁଲ ମାନେ ଯେମିତି ଖୁସିରେ ଖିଲି ଖିଲି ହୋଇ ହସି ଉଠୁଛନ୍ତି ।

*ଭୁବନେଶ୍ୱର, ଖୋର୍ଦ୍ଧା*
*ମୋ: ୯୭୭୭୫୯୯୬୯୫*

## ଅକ୍ଷୟ ତୃତୀୟା



ବଇଶାଖ ଶୁକ୍ଳ ତୃତୀୟା ତିଥିଟି
ଅଟେ ଅକ୍ଷୟ ତୃତୀୟା
ଶୁଦ୍ଧି ଓ ସିଦ୍ଧିର ଦିବସ ଭାବରେ
ପାଳଇ ପ୍ରତି ଓଡ଼ିଆ ।
କୃଷିକାର୍ଯ୍ୟର ହୁଏ ଶୁଭାରମ୍ଭ
ଅକ୍ଷିମୁଠି ଅନୁକୂଳ
ନୂଆ ଗଉଣୀରେ ଧାନ ଭର୍ତ୍ତି କରି
ବିଲକୁ ଯାଏ ସଅଳ ।
ଚନ୍ଦନ ସିନ୍ଦୂର ଧୂପ ଦୀପ ଦେଇ
ପୂଜିଥାଏ ଲକ୍ଷ୍ମୀ ମାଆ
ଭଲ ଶସ୍ୟ ଉତ୍ପାଦନ ଆଶା କରି
ଭକ୍ତିରେ ମାରେ ମୁଣ୍ଡିଆ ।
ଭକ୍ତି ନୈବେଦ୍ୟରେ ଜମି ପୂଜା କରି
ଆନନ୍ଦେ ବୁଲାଏ ହଳ
ପିଠା ଖେଚୁଡ଼ିରେ ଇଷ୍ଟ ଦେବ ପୂଜି
ଲୋଡ଼ିଥାଏ ଶୁଭଫଳ ।
ଏହି ଦିନଠାରୁ ରଥ ନିର୍ମାଣର
ଶୁଭାନୁକୂଳ ହୁଅଇ
ମହାକାଳୀ ମନ୍ତ୍ରେ ବନଯୋଗ ହୋମ
ପୁରୋହିତ କରିଥାଇ ।
ଏହି ଦିନଠାରୁ ଆରମ୍ଭ ହୁଅଇ
ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ
ଅନେକ ମହତ୍ତ୍ୱ ବହନ କରି ସେ
କରାଏ ଗୌରାବାନ୍ୱିତ ।

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୁଳ
ମୋ: ୭୭୩୫୬୧୧୪୮୪

## ହୃଦୟ

ତମ ସ୍ୱପ୍ନରେ ଖଣ୍ଡିଉଡ଼ା ଦେଇ
ଉଡ଼ିପାରେ ମାଇଲ ମାଇଲ
ପଥ ବାସ୍ତବତାକୁ
ଠେଲିଦେଇ ଗହୀରକୁ
ତମେ ଦେଖିପାର ମୋ
ଭିତରେ ସମ୍ଭାବନା
ପଢ଼ିପାର ଆଖିର ନିରବତା
ଭୋଗିପାର ମୋ ଭିତରର
ମଧୁମୟ ସତ୍ତା
କରିପାର ସବୁ ପିଣ୍ଡକୁ ଏକାଠି ।
ପଢ଼ିପାର ମୋ ଛାଡ଼ପତ୍ରକୁ
ଅବା ତମାମ ଜନ୍ମର
ସ୍ୱୀକାରୋକ୍ତି ତମ
ସହ ବାନ୍ଧି ହେବାର
ତମ ପାଦ ସହ ପାଦ
ମିଶାଇ ଚାଲିବାର
ଜୀବନ ଆଉ କଣ କି ।

**ପ୍ରଜ୍ଞା ନିବେଦିତା ନାୟକ**
ଆଇଆଇଏମ୍‌ସି, ଢେଙ୍କାନାଳ

ଜାତୀୟ ଚେତନା
JATIYA CHETANA



# ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି, ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିବେ ମୁଖ୍ୟ ଚୟନକର୍ତ୍ତା

ମୁମ୍ବାଇ,(ଏଜେନ୍ସି): ବିସିସିଆଇ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆଉ ଏକ ବର୍ଷ ପାଇଁ ବୃଦ୍ଧି କରିଛି। ଏବେ ସେ ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ପଦରେ ରହିବେ। ବୋର୍ଡର ଜଣେ ଅଧିକାରୀ ନ୍ୟୁଜ୍ ଏଜେନ୍ସି ଏଏନ୍ଆଇକୁ କହିଛନ୍ତି, ଅଗରକରଙ୍କ କାର୍ଯ୍ୟକାଳ ଆଗକୁ ବଢ଼ାଯାଇଛି, ସମ୍ପ୍ରସାରଣ ନୁହେଁ। ସେ ନିଜ ପ୍ରଦର୍ଶନ ଆଧାରରେ ଚତୁର୍ଥ ବର୍ଷ ପାଇଁ ପଦରେ ବାଜୟ ରହିବେ। ଏହା ପୂର୍ବରୁ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ଅଗକର ନିଜ କାର୍ଯ୍ୟକାଳ



୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ବଢ଼ାଇବା ପାଇଁ ବିସିସିଆଇ ନିକଟରେ ଦାବି କରିଥିଲେ। ବୋର୍ଡ ୨୦୨୩ରେ ଅଗକରଙ୍କୁ ଦୁଇବର୍ଷ ପାଇଁ ମୁଖ୍ୟ ଚୟନକର୍ତ୍ତା ନିଯୁକ୍ତ କରିଥିଲା। ୨୦୨୫ରେ ତାଙ୍କୁ ପ୍ରଥମେ ଏକବର୍ଷର ସମ୍ପ୍ରସାର ମିଳିଥିଲା। ଏବେ ତାଙ୍କ କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ନବୀକରଣ କରାଯାଇଛି। ଫଳରେ ଅଗରକର ମୋଟ ଚାରିବର୍ଷ ପାଇଁ ମୁଖ୍ୟ ଚୟନକର୍ତ୍ତା ରହିବେ। ଅଜିତ ଅଗକରଙ୍କ କାର୍ଯ୍ୟକାଳ ବହୁ ସଫଳ ରହିଛି। ୨୦୨୩ ଅକ୍ଟୋବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ତାଙ୍କ ଦ୍ୱାରା ଚୟନ କରାଯାଇଥିବା ଭାରତୀୟ ଟିମ୍ ଚାରି ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ସ୍ଥାନ ହାସଲ କରିଛି। ଏହା ମଧ୍ୟରୁ ଭାରତ ତିନିଟି ଟାଇଟଲ୍ ନିଜ ନାମରେ କରିଛି। ୨୦୨୪ ଏବଂ ୨୦୨୬ରେ ଦୁଇଟି ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି। ଏହା ବ୍ୟତୀତ ଟିମ୍ ଇଣ୍ଡିଆ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଥିଲା, ତେବେ ଟିମ୍‌କୁ ଅଷ୍ଟ୍ରେଲିଆ ଠାରୁ ପରାଜିତ ହେବାକୁ ପଡ଼ିଥିଲା। ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି କେତେକ କଠୋର ଏବଂ ବଡ଼ ନିଷ୍ପତ୍ତି ମଧ୍ୟ ନେଇଛି। ଏଥିରେ ସବୁଠୁ ପ୍ରମୁଖ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ପ୍ରକ୍ରିୟାକୁ ସମ୍ଭାଳିବା ଏବଂ ସିନିୟର୍ ଫାଷ୍ଟ୍ ବୋଲର୍ ମହମ୍ମଦ ଶାମୀଙ୍କୁ ଧୀରେ ଧୀରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବାହାର କରିବା ଥିଲା। ସେହିପରି ୨୦୨୬ ଟି-୨୦ ବିଶ୍ୱକପ୍ ଟିମ୍‌ର ଟେଷ୍ଟ୍ କ୍ୟାପ୍‌ଟେନ୍ ଶୁଭମନ ଗିଲ୍‌ଙ୍କୁ ବାହାର କରି ତାଙ୍କ ସ୍ଥାନରେ ଇଶାନ୍ କିଶନ୍‌ଙ୍କ ପରି ଇନ୍-ଫର୍ମ ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ବଡ଼ ନିଷ୍ପତ୍ତି ମଧ୍ୟ ନେଇଛି।

## ରିଙ୍କୁ ସିଂହଙ୍କ ଅପରାଜିତ ଅର୍ଦ୍ଧଶତକ, ବରୁଣ-କାର୍ତ୍ତିକଙ୍କୁ ୩-୩ ୱିକେଟ୍

# ସିଜନ୍‌ରେ କୋଲ୍‌କାତାର ପ୍ରଥମ ବିଜୟ

ନୂଆଦିଲ୍ଲୀ,(ଏଜେନ୍ସି): କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଚଳିତ ଆଇପିଏଲ୍ ସିଜନ୍‌ରେ ପ୍ରଥମ ବିଜୟ ହାସଲ କରିଛନ୍ତି। ଅପରାହ୍ନ ସାଢ଼େ ତିନିଟା ବେଳେ ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ରାଜସ୍ଥାନ ରୟାଲ୍‌ସକୁ ୪ ୱିକେଟ୍‌ରେ ହରାଇ ଦେଇଛି। ଇଡେନ୍ ଗାର୍ଡେନ୍ସରେ ଟସ୍ ଜିତି ରାଜସ୍ଥାନ ପ୍ରଥମେ ୯ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ୧୯,୪ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଛି। ଟିମ୍‌ର ବିଜୟରେ ରିଙ୍କୁ ସିଂହ ଅପରାଜିତ ୫୩ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଛନ୍ତି। ରାଜସ୍ଥାନ ରୟାଲ୍‌ସର ଏହା ଲଗାତାର ଦ୍ୱିତୀୟ ପରାଜୟ ଏବଂ ଟିମ୍ ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କୋଲ୍‌କାତା ପ୍ରଥମ ବିଜୟ ସହ ନବମ ସ୍ଥାନରେ ପହଞ୍ଚିଛି। ୩ଟି ୱିକେଟ୍ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି।

ଲକ୍ଷ୍ୟର ପିଛା କରୁଥିବା କୋଲ୍‌କାତାର ଆରମ୍ଭ ବହୁ ଖରାପ ଥିଲା। ଦୁଇ ଓପ୍ନର୍ ଟିମ୍ ଶେଫର୍ଡ ଏବଂ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ଜୋଫ୍ରା ଆର୍ଚର୍ ଓ ନାନ୍ଦ୍ରେ ବର୍ଗରଙ୍କ ଦ୍ୱାରା ଆଉଟ୍



ହୋଇଥିଲେ। ଏପରିକି ଟିମ୍ ୮୫ ରନ୍‌ରେ ୬ ୱିକେଟ୍ ହରାଇଥିଲା। ଅଙ୍ଗକୃଷ ରଘୁବଂଶୀ ୧୦, କାମେରନ୍ ଗ୍ରୀନ୍ ୨୭, ରୋଭ୍‌ମାନ୍ ପାୱେଲ୍ ୨୩ ଏବଂ ରମଣଦୀପ୍ ସିଂହ ୧୦ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଏହାପରେ ରିଙ୍କୁ ସିଂହ ଇନିଂସ୍ ସମ୍ଭାଳି ଅନୁକୂଳ ରାୟଙ୍କ ସହ ଅବିଭାଜିତ ୬ଷ୍ଠ ୱିକେଟ୍ ପାଇଁ ୭୬ ରନ୍ ଯୋଡ଼ି ଟିମ୍‌କୁ ପ୍ରଥମ ବିଜୟ ଦେଇଥିଲେ। ରିଙ୍କୁ ୩୪ ବଲ୍‌ରେ ୫ ଚୌକା ଓ ଦୁଇ ଛକା ସହାୟତାରେ ୫୩ ଏବଂ ଅନୁକୂଳ ୧୬ ବଲ୍‌ରେ ଗୋଟିଏ ଚୌକା ଏବଂ ଦୁଇଟି ଛକା ବଳରେ ୨୯ ରନ୍ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ରାଜସ୍ଥାନୟ ରୟାଲ୍‌ସ ପକ୍ଷରୁ ଇନିଂସ୍ ଓପନ୍ କରି ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ୍ ପ୍ରଥମ ୱିକେଟ୍ ପାଇଁ ୮୧ ରନ୍ ଯୋଡ଼ିଥିଲେ। ବୈଭବ ୨୮ ବଲ୍‌ରେ ୬ ଚୌକା ଓ ଦୁଇ ଛକା ସହାୟତାରେ ସର୍ବାଧିକ ୪୬ ରନ୍ କରି ଆଉଟ୍ ହୋଇଥିଲେ। ଯଶସ୍ୱୀ ୨୯ ବଲ୍‌ରେ ୪ ଚୌକା ଓ ଦୁଇ ଛକା ବଳରେ ୩୯ ରନ୍ କରିଥିଲେ। ଦୁହିଁଙ୍କ ଆଉଟ୍ ପରେ ଟିମ୍‌ର ରନ୍ ସଂଗ୍ରହ ଗତି ହ୍ରାସ ପାଇଥିଲା। ଶିମ୍‌ରୋନ୍ ହେଟ୍‌ମାୟର୍ ୧୫ ଏବଂ କ୍ୟାପ୍‌ଟେନ୍ ରିୟାନ୍ ପରାଗ ୧୨ ରନ୍ କରିଥିଲେ। ବାକି ପାଞ୍ଚ ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। କୋଲ୍‌କାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଓ କାର୍ତ୍ତିକ ତ୍ୟାଗୀ ୩-୩ ୱିକେଟ୍ ଅକ୍ତିଆର କରିଥିବା ବେଳେ ସୁନିଲ୍ ନାରାୟଣଙ୍କୁ ଦୁଇଟି ସଫଳତା ମିଳିଥିଲା।

# ଶହେ ଟି-୨୦ ଅନ୍ତର୍ଜାତୀୟରେ ଶେଫାଳୀ ସର୍ବକନିଷ୍ଠ ଭାରତୀୟ

ଡର୍ବାନ୍,(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ଷ୍ଟାର୍ ଓପ୍ନର୍ ଶେଫାଳୀ ବର୍ମା ଇତିହାସ ରଚିଛନ୍ତି। ୨୨ ବର୍ଷ ୮୧ ଦିନ ବୟରେ ୧୦୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ଶେଫାଳୀ ସର୍ବକନିଷ୍ଠ ଭାରତୀୟ ହୋଇଛନ୍ତି। ଡର୍ବାନ୍‌ରେ ରବିବାର ଖେଳାଯାଇଥିବା ସାଉଥ୍ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ଏହି କୀର୍ତ୍ତିମାନ ସହ ଶେଫାଳୀ ଜେମିମା ରୋଡ୍ରିଗ୍ସଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଜେମିମା ୨୦୨୪ ମହିଳା ଏସିଆ କପ୍ ଅବସରରେ ୨୩ ବର୍ଷ ଏବଂ ୩୨୭ ଦିନ ବୟରେ ୧୦୦ ଟି-୨୦ ଅନ୍ତର୍ଜାତୀୟ ପୂରଣ କରିଥିଲେ। ଏହି ମାଇଲଷ୍ଟୋନ୍ ହାସଲ କରିବାରେ ଶେଫାଳୀ ବିଶ୍ୱର ତୃତୀୟ ଯୁବ ଖେଳାଳି ହୋଇଛନ୍ତି। ତାଙ୍କ ଆଗରେ କେବଳ ରୁଆଣ୍ଡାର ଜିସେଲ ଇଶିମ୍‌ୱେ ଏବଂ ହେନରିଟେ ଇଶିମ୍‌ୱେ ରହିଛନ୍ତି। ୧୦୦ ଟି-୨୦ ଅନ୍ତର୍ଜାତୀୟ ଖେଳିବାରେ ସେ ଭାରତର ପଞ୍ଚମ ମହିଳା ଖେଳାଳି ହୋଇଛନ୍ତି। ଏହି କ୍ଲବ୍‌ରେ ପୂର୍ବରୁ ହରମନପ୍ରୀତ୍ କୌର୍, ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା ଏବଂ ଜେମିମା ରୋଡ୍ରିଗ୍ସ ସାମିଲ ଅଛନ୍ତି।

୨୦୧୯ରେ ମାତ୍ର ୧୫ ବର୍ଷ ୨୩୯ ଦିନ ବୟସରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ଶେଫାଳୀ ନିଜର ଆକ୍ରାମଣାତ୍ମକ ଏବଂ ନିର୍ଭୀକ ଖେଳ ପାଇଁ ପ୍ରାରମ୍ଭରୁ ହିଁ ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିଥିଲେ। ୨୦୨୪ରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ସେ ସାଉଥ୍ ଆଫ୍ରିକା ବିପକ୍ଷରେ ଚମତ୍କାର ଶତକ ହାସଲ କରିଥିଲେ। ଏହା ସେ ସମୟରେ ମହିଳା ଟେଷ୍ଟ୍ ଇତିହାସରେ ଦ୍ରୁତତମ ଶତକ ଥିଲା। ଗତବର୍ଷ ଭାରତର ମହିଳା ବିଶ୍ୱକପ୍ ବିଜୟରେ ସେ ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ବିପକ୍ଷରେ ୮୭ ରନ୍ କରିଥିବା ବେଳେ ଗୋଟିଏ ୱିକେଟ୍ ମଧ୍ୟ ନେଇଥିଲେ।

# ଆଇପିଏଲ୍‌ରେ ଅର୍ଶଦୀପ୍‌ଙ୍କ ୧୦୦ ୱିକେଟ୍ ପୂରଣ

ମୁମ୍ବାଇ,(ଏଜେନ୍ସି):: ପଞ୍ଜାବ କିଙ୍ଗ୍‌ସ ବୋଲର୍ ଅର୍ଶଦୀପ୍ ସିଂହ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଚଳିତ ଆଇପିଏଲ୍ ମ୍ୟାଚ୍‌ରେ ଏକ ବଡ଼ ରେକର୍ଡ କରିଛନ୍ତି। ଅର୍ଶଦୀପ୍ ଆଇପିଏଲ୍‌ରେ ୧୦୦ ୱିକେଟ୍ ନେବାରେ ବାମହାତୀ ଫାଷ୍ଟ୍ ବୋଲର୍‌ଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ରିୟାନ୍ ରିକଲ୍‌ଟନ୍‌ଙ୍କ ୱିକେଟ୍ ଅକ୍ତିଆର କରିବା ପରେ ସେ ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଆଇପିଏଲ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେଇଥିବା ବାମହାତୀ ଫାଷ୍ଟ୍ ବୋଲର୍‌ଙ୍କ ମଧ୍ୟରେ ଟ୍ରେଣ୍ଟ୍ ବୋଲ୍ଟ, ଜୟଦେବ ଉନାଦ୍‌କତ୍, ଆଶୀଷ ନେହରା ଏବଂ ଜାହିର୍ ଖାନ୍ ସାମିଲ ଅଛନ୍ତି। ବୋଲ୍ଟ ୧୪୪ ୱିକେଟ୍ ନିଜ ନାମରେ କରିଥିବା ବେଳେ ଉନାଦକତ୍ ୧୧୪ ୱିକେଟ୍ ଅକ୍ତିଆର କରିଛନ୍ତି। ସେହିପରି ନେହରା ଏବଂ ଜାହିର୍ ଯଥାକ୍ରମେ ୧୦୬ ଓ ୧୦୨ ୱିକେଟ୍ ନେଇଛନ୍ତି। ଅର୍ଶଦୀପ୍ ୨୦୧୯ରେ ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୮୭ ମ୍ୟାଚ୍‌ରେ ୨୬ରୁ ଊର୍ଦ୍ଧ୍ୱ ହାରାହାରିରେ ୧୦୦ ୱିକେଟ୍ ପୂରଣ କରିଛନ୍ତି। ତାଙ୍କ ଇକୋନୋମି ୯ରୁ ସାମାନ୍ୟ ଅଧିକ ରହିଛି। ଏହି ଅବସରରେ ସେ ଦୁଇଥର ୪ ୱିକେଟ୍ ଏବଂ ଥରେ ୫ ୱିକେଟ୍ ନେବାର ରେକର୍ଡ ମଧ୍ୟ କରିଛନ୍ତି। ଗତବର୍ଷ ଅର୍ଶଦୀନ ଲେଗ୍-ସ୍ପିନର୍ ପୀୟୁଷ ଚାୱ୍‌ଲାଙ୍କ ୮୪ ୱିକେଟ୍ ରେକର୍ଡକୁ ପଛରେ ପକାଇ ପଞ୍ଜାବ କିଙ୍ଗ୍‌ସର ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ (ଆଇପିଏଲ୍) ହୋଇଥିଲେ।

# ନିଜ ହୋମ୍ ଗ୍ରାଉଣ୍ଡ୍‌ରେ ହାରିଲା ଆର୍‌ସିବି, ୬ ୱିକେଟ୍‌ରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍‌ସ

ବେଙ୍ଗାଲୁରୁ,(ଏଜେନ୍ସି): ନିଜ ହୋମ୍ ଗ୍ରାଉଣ୍ଡ୍‌ରେ ପରାଜିତ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ, ବେଙ୍ଗାଲୁରୁ (ଆର୍‌ସିବି)। ଫିଲ୍ ସଲ୍ଟଙ୍କୁ ବାଦ୍ ଦେଲେ ଦଳର ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ୍‌ମାନେ ଦିଲ୍ଲୀର ଘାତକ ବୋଲିଂ ବାହିନୀ ପାଖରେ ନତମସ୍ତକ ହୋଇଛନ୍ତି। ଆଜିର ଏହି ରୋମାଞ୍ଚକ ମ୍ୟାଚ୍‌ରେ ଆର୍‌ସିବି ଧାର୍ଯ୍ୟ ୨୦ ଓଭର ସୁଦ୍ଧା ୮ ୱିକେଟ୍ ବିନିମୟରେ ମାତ୍ର ୧୭୫ ରନ୍ କରିଥିବା ବେଳେ ଦିଲ୍ଲୀ ଗୋଟିଏ ବଲ୍ ବାକି ଥାଇ ଏହି ଲକ୍ଷ୍ୟକୁ ହାସଲ କରିନେଇଛି। ଆଜିର ଏହି ପରାଜୟ ଆରସିବି ପାଇଁ ଚଳିତ ସିଜିନ୍‌ର ୨ୟ ପରାଜୟ। ଏହାପୂର୍ବରୁ ଆର୍‌ସିବି, ଏପ୍ରିଲ୍ ୧୦ରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ପରାସ୍ତ ହୋଇଥିଲା। ରାଜସ୍ଥାନ ରୟାଲ୍‌ସ ମଧ୍ୟ ଆର୍‌ସିବିକୁ ଏହି ମ୍ୟାଚ୍‌ରେ ୬ ୱିକେଟ୍‌ରେ ହରାଇଥିଲା। ତେବେ ଆଜିର ମ୍ୟାଚ୍‌କୁ ମିଶାଇ ଆର୍‌ସିବି ମୋଟ୍ ୬ଟି ମ୍ୟାଚ୍ ଖେଳିଥିବା ବେଳେ ୪ଟିରେ ବିଜୟ ସହ ମୋଟ୍ ୮ ପଏଣ୍ଟ ପାଇଁ ଟେବୁଲ୍‌ର ୨ୟ ସ୍ଥାନରେ ରହିଛି। ଅନ୍ୟପକ୍ଷେ ଦିଲ୍ଲୀ କ୍ୟାପିଟାଲ୍‌ସ ମୋଟ୍ ୫ଟି ମ୍ୟାଚ୍ ଖେଳିଥିବା ବେଳେ ଏଥିରୁ ୩ଟିରେ ବିଜୟ ଲାଭ କରିଛି। ସୁତରାଂ ଦଳ ୬ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି।

ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ଚଳିତ ଆଇପିଏଲ୍ ସିଜିନ୍‌ର ୨୬ତମ ମ୍ୟାଚ୍ ଆର୍‌ସିବି ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଖେଳାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ପ୍ରଥମରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନିଂ ଯୋଡିଭାବେ ପଡ଼ିଆକୁ ଓହ୍ଲାଇଥିବା ଫିଲ୍ ସଲ୍ଟ ଏବଂ ବିରାଟ୍ କୋହଲି ଦଳ ପାଇଁ ଯଦିଓ ଏକ ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ, କିନ୍ତୁ ଏଥିରେ ସଲ୍ଟଙ୍କ ଯୋଗଦାନ ଅଧିକ ରହିଥିଲା। ଉଭୟ ଦଳ ପାଇଁ ୫୨ ରନ୍‌ର ପାର୍ଟନରସିପ୍ କରିଥିବା ବେଳେ ଦଳର ଷ୍ଟାର ପ୍ଲେୟାର କୋହଲି ୧୩ ବଲ୍‌ରୁ ମାତ୍ର ୧୯ ରନ୍ କରି ଆଉଟ୍ ହୋଇଯାଇଥିଲେ। ସେହିପରି ଦେବଦତ୍ତ ପଡ୍ଡିକଲ୍ ମଧ୍ୟ ୧୩ ବଲ୍‌ରେ ୧୮ ରନ୍ କରି ପାଭିଲିୟନ୍ ଫେରିଥିଲେ। ଦଳର ଅଧିନାୟକ ରଜତ୍ ପଟିଦାର ୮ ରନ୍, ଟିମ୍ ଡେଭିଡ୍ ୨୬ ରନ୍, ଜିତେଶ ଶର୍ମା ୧୪ ରନ୍, ରୋମାରିଓ ଶେଫର୍ଡ ୧ ରନ୍ ଏବଂ କୃଣାଲ ପାଣ୍ଡ୍ୟ ୧୨ ରନ୍ ହିଁ କରିପାରିଥିଲେ ଏବଂ ଜଣକ ପରେ ଜଣେ ଆଉଟ୍ ହୋଇଥିଲେ। କିନ୍ତୁ ଅନ୍ୟପଟେ ଦଳର ସ୍କୋରକୁ ଏକ ସମ୍ମାନଜନକ ସ୍ତରରେ ପହଞ୍ଚାଇବାର ଦାୟିତ୍ୱକୁ ଉଚିତ୍ ଭାବେ ତୁଲାଇଥିଲେ। ସଲ୍ଟ ୩୮ ବଲ୍‌ରୁ ୬୩ ରନ୍‌ର ଆକର୍ଷଣୟ ଇନିଂସ ଖେଳିଥିଲେ।

୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପଥୁମ୍ ନିଶଙ୍କା ମାତ୍ର ୧ ରନ୍ କରି ଆଉଟ୍ ହୋଇଯାଇଥିବା ବେଳେ କରୁନ୍ ନାୟର (୫ ରନ୍), ସମୀର ରିଜ୍‌ଭି (୨ ରନ୍)କରି ପାଭିଲିୟନ୍ ଫେରିଥିଲେ। ତେବେ ନିଶଙ୍କାଙ୍କ ସହ ଓପନିଂ ଯୋଡିରେ ଆସିଥିବା କେଏଲ୍ ରାହୁଲ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ୫୭ ରନ୍‌ର ପାଳି (୩୪ ବଲ୍) ଏବଂ ଟ୍ରିଷ୍ଟାନ୍ ଷ୍ଟବ୍‌ସ୍‌ଙ୍କ ଅପରାଜିତ ୪୭ ବଲ୍‌ରୁ ୬୦ ରନ୍‌ର ପାଳି ଦଳକୁ ବିଜୟର ଦ୍ୱାର ଦେଶ ପର୍ଯ୍ୟନ୍ତ ଟାଣିନେଇଥିଲା। ଷ୍ଟବସ୍ ଶେଷ ପର୍ଯ୍ୟନ୍ତ ପଡ଼ିଆରେ ତିଷ୍ଠି ରହିଥିଲେ ଏବଂ ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଧିନାୟକ ଅକ୍ଷର ପଟେଲ୍ ୨୬ ରନ୍ କରି ଖେଳୁଥିବା ବେଳେ ରିଟାୟର୍ଡ ହର୍ଟ୍ ହୋଇ ଫେରିବାକୁ ବାଧ୍ୟ ହୋଇଥିଲେ। ସେହିପରି ଡେଭିଡ୍ ମିଲର ମଧ୍ୟ ଦଳ ପାଇଁ ମାତ୍ର ୧୦ ବଲ୍‌ରୁ ଅପରାଜିତ ୨୨ ରନ୍ କରିଛନ୍ତି। ଦିଲ୍ଲୀ ଗୋଟିଏ ବଲ୍ ବାକି ଥାଇ ୧୭୯ ରନ୍ ସଂଗ୍ରହ କରିନେଇଥିଲା। ଆଜି ମ୍ୟାଚ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଷ୍ଟବ୍‌ସଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

ଜାତୀୟ ଚେତନା
JATIYA CHETANA



# ଜାତୀୟ ମଞ୍ଚରେ ଚମକିଲା ଓଡ଼ିଆ ସିନେମା

## ‘ବୋଉ ବୁଟୁ ଭୂତ’ ସାଜିଲା ଶ୍ରେଷ୍ଠ, ଭାବବିହ୍ୱଳ ହେଲେ ପ୍ରଯୋଜିକା ତୃପ୍ତି

ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ମୁମ୍ବାଇରେ ଆୟୋଜିତ ପ୍ରତିଷ୍ଠିତ ଭାରତୀୟ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଓଡ଼ିଆ ସିନେମା ‘ବୋଉ ବୁଟୁ ଭୂତ’ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ସମ୍ମାନିତ ହୋଇଛି। ବଲିଉଡ୍ ଏବଂ ଦକ୍ଷିଣ ଭାରତୀୟ ସିନେମାର ବଡ଼ ବଡ଼ ତାରକାଙ୍କ ମେଳରେ ଓଡ଼ିଆ କଳା ଓ ସଂସ୍କୃତିର ଜୟଗାନ ହୋଇଥିବା ବେଳେ ଏହି ସଫଳତା ଓଡ଼ିଶା ପାଇଁ ଗର୍ବ ଆଣିଦେଇଛି। କେବଳ ଶ୍ରେଷ୍ଠ ସିନେମା ନୁହେଁ, ବରଂ ନାୟକ ବାବୁସାନ ମହାନ୍ତି ଶ୍ରେଷ୍ଠ ଅଭିନେତା ଏବଂ ନାୟିକା ଅର୍ଚ୍ଚିତା ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଏହାସହ ‘ଅନନ୍ତା’ ଚଳଚ୍ଚିତ୍ର ପାଇଁ ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ କୁମାର ସି ଦେବ ମହାପାତ୍ରଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ପ୍ରଦାନ କରାଯାଇଛି। ଭାରତୀୟ ପ୍ରଯୋଜକ ସଂଘ ଦ୍ୱାରା ଆୟୋଜିତ ଏହି ଭବ୍ୟ ଉତ୍ସବରେ ଫିଲ୍ମର ପ୍ରଯୋଜିକା ତଥା ବାବୁସାନଙ୍କ ପତ୍ନୀ ତୃପ୍ତି ଶତପଥୀ ପୁରସ୍କାର ଗ୍ରହଣ କରିବା ସମୟରେ ବେଶ ଭାବବିହ୍ୱଳ ହୋଇପଡ଼ିଥିଲେ। ‘ଜୟ ଜଗନ୍ନାଥ’ କହି ସେ ପୁରସ୍କାର ଗ୍ରହଣ କରୁଥିବା ବେଳେ ବଲିଉଡର ପ୍ରଖ୍ୟାତ ନିର୍ମାତା କରଣ ଜୋହର ନିଜେ ତାଙ୍କ ପାଖକୁ ଯାଇ ସାଧୁବାଦ ଓ ଅଭିନନ୍ଦନ ଜଣାଇଥିଲେ। ତୃପ୍ତି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଜଣେ ଗଣିତ ଶିକ୍ଷକରୁ ସ୍ୱାମୀଙ୍କ ପାଇଁ ପ୍ରଯୋଜିକା ସାଜିବା ଏବଂ ପ୍ରଥମ ଚଳଚ୍ଚିତ୍ର ପାଇଁ ଜାତୀୟ ମଞ୍ଚରେ ସମ୍ମାନିତ ହେବା ତାଙ୍କ ପାଇଁ ଏକ ସ୍ୱପ୍ନ ପରି। ଏହି ସଫଳତା ପଛରେ ଓଡ଼ିଶାବାସୀଙ୍କ ଭଲପାଇବା ଏବଂ ଓଡ଼ିଆ ସିନେମା ପ୍ରତି ସେମାନଙ୍କର ବିଶ୍ୱାସ ରହିଛି ବୋଲି ସେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୨୫ ମସିହାର ସାରା ଦେଶର ଶ୍ରେଷ୍ଠ ୧୦ଟି ଚଳଚ୍ଚିତ୍ର ମଧ୍ୟରେ ‘ବୋଉ ବୁଟୁ ଭୂତ’କୁ ସ୍ଥାନ ମିଳିଛି। ବାବୁସାନ ଓ ଅର୍ଚ୍ଚିତା ମଧ୍ୟ ଏହି ଗୌରବକୁ ସମଗ୍ର ଓଡ଼ିଶାବାସୀଙ୍କୁ ସମର୍ପଣ କରିଛନ୍ତି। ଏହି ଭବ୍ୟ ପୁରସ୍କାର ବିତରଣ ଉତ୍ସବରେ ବହୁ ନାମୀଦାମୀ କଳାକାର ଓ ନିର୍ଦ୍ଦେଶକ ସାମିଲ ହୋଇଥିବା ବେଳେ ଓଡ଼ିଆ ସିନେମାର ଏହି ବିରାଟ ସଫଳତା ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।



ମଞ୍ଚ ଉପରେ ଏହି ଗୌରବମୟ ମୁହୂର୍ତ୍ତ କେବଳ ଏକ ପୁରସ୍କାର ନଥିଲା, ବରଂ ଓଡ଼ିଆ ଜାତିର ଅସ୍ମିତା ଓ କଳାତ୍ମକ ପ୍ରତିଭାର ଏକ ବିରାଟ ପ୍ରଦର୍ଶନ ଥିଲା। ଯେତେବେଳେ ପୁରସ୍କାର ପାଇଁ ଓଡ଼ିଶାର ନାମ ଘୋଷଣା କରାଗଲା, ସେତେବେଳେ ପୁରା ପ୍ରେକ୍ଷାଳୟ କରତାଳିରେ ଫାଟି ପଡ଼ିଥିଲା। ଅନେକ ବର୍ଷର ପ୍ରତୀକ୍ଷା ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ଜାତୀୟ ସ୍ତରରେ ଏଭଳି ଦୃଢ଼ ପଦକ୍ଷେପ ରଖିଛି। ବଲିଉଡର ଅନେକ ବଡ଼ ବଡ଼ ନିର୍ଦ୍ଦେଶକ ଓ ପ୍ରଯୋଜକ ଓଡ଼ିଆ କାହାଣୀର ମୌଳିକତାକୁ ପ୍ରଶଂସା କରିଥିଲେ। ବିଶେଷ କରି ମାତୃତ୍ୱ ଓ ପାରିବାରିକ ମୂଲ୍ୟବୋଧ ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି କେବଳ ଓଡ଼ିଶା ନୁହେଁ, ବରଂ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମୀକ୍ଷକମାନଙ୍କ ମନ ଜିଣିବାରେ ସଫଳ ହୋଇଛି। ପ୍ରଯୋଜିକା ତୃପ୍ତି ଶତପଥୀ ମଞ୍ଚରେ ଛିଡ଼ା ହୋଇଥିବା ବେଳେ ତାଙ୍କ ଆଖିରେ ଖୁସିର ଲୁହ ସ୍ପଷ୍ଟ ଦେଖାଯାଉଥିଲା। ସେ କହିଥିଲେ ଯେ ଏହି ଯାତ୍ରା ସହଜ ନଥିଲା, କିନ୍ତୁ କଠିନ ପରିଶ୍ରମ ଓ ସିନେମା ପ୍ରତି ଥିବା ନିଷ୍ଠା ଆଜି ସଫଳତା ଆଣିଦେଇଛି।

ଏହି ସମ୍ମାନ ଓଡ଼ିଆ ସିନେମା ପାଇଁ ଏକ ନୂଆ ଦିଗ୍‌ଦର୍ଶନ ସାଜିବ। ଆଗାମୀ ଦିନରେ ଅଧିକରୁ ଅଧିକ ଯୁବ ନିର୍ଦ୍ଦେଶକ ଓ କଳାକାର ମୌଳିକ କାହାଣୀ ଉପରେ କାମ କରିବାକୁ ପ୍ରେରଣା ପାଇବେ। ମୁମ୍ବାଇ ଭଳି ମହାନଗରୀରେ ଯେଉଁଠାରେ ବଡ଼ ବଜେଟର ସିନେମାଗୁଡ଼ିକର ପ୍ରଭାବ ରହିଥାଏ, ସେଠାରେ ଏକ ଆଞ୍ଚଳିକ ଭାଷାର ଚଳଚ୍ଚିତ୍ର ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ପ୍ରମାଣ କରୁଛି ଯେ ଭଲ କାହାଣୀ ପାଇଁ କୌଣସି ଭାଷାର ପ୍ରତିବନ୍ଧକ ନଥାଏ। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ପରଦା ଉପରେ ସୁନ୍ଦର ଭାବରେ ଉପସ୍ଥାପନ କରିବା ଏହି ସଫଳତାର ମୁଖ୍ୟ କାରଣ ବୋଲି ସବ୍ୟସାଚୀ ମହାପାତ୍ର ମତ ଦେଇଛନ୍ତି। ଉତ୍ସବ ଶେଷରେ ସମସ୍ତ ବିଜୟୀ କଳାକାରଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରାର ପରିକଳ୍ପନା କରାଯାଇଛି, ଯାହା ଓଡ଼ିଶା ଫେରିବା ପରେ ଅନୁଷ୍ଠିତ ହେବ। ଏହି ଐତିହାସିକ ବିଜୟକୁ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଆ ସିନେମା ବିଶ୍ୱ ଦରବାରରେ ଆହୁରି ଅଧିକ ପ୍ରତିଷ୍ଠିତ ହେବ ବୋଲି ଆଶା କରାଯାଉଛି। ଏହି ସଫଳତା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ଦଳର ନୁହେଁ, ବରଂ ସାରା ଓଡ଼ିଶାର ୪ କୋଟି ଜନତାଙ୍କର ଗର୍ବ ଓ ଗୌରବର ବିଷୟ। ଓଡ଼ିଆ ସିନେମାର ଏହି ନୂତନ ସୂର୍ଯ୍ୟୋଦୟ ଆଜିର ଯୁବପିଢ଼ି ପାଇଁ ଏକ ବଡ଼ ଉଦାହରଣ ହୋଇ ରହିବ।

## ରାମାୟଣରେ ରାମ-ରାବଣ ମହାଯୁଦ୍ଧ: ଯଶ୍ କଲେ ବଡ଼ ଖୁଲାସା




ଭାରତୀୟ ପୌରାଣିକ ମହାକାବ୍ୟ ‘ରାମାୟଣ’କୁ ନେଇ ରୂପେଲି ପରଦାରେ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଏହାକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସିନେମା ପ୍ରେମୀଙ୍କ ଉତ୍କଣ୍ଠାକୁ ଆହୁରି ବଢ଼ାଇ ଦେଇଛନ୍ତି ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର ଯଶ୍। ଏକ ସାକ୍ଷାତକାରରେ ସେ ସିନେମାର କାହାଣୀ ଏବଂ ଏହାର ନିର୍ମାଣ ଶୈଳୀକୁ ନେଇ କିଛି ରୋଚକ ତଥ୍ୟ ପ୍ରଦାନ କରିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ଥିଲା ଯେ, କେବେ ରଣବୀର କପୁର ରାମ ଭୂମିକାରେ ଏବଂ ଯଶ୍ ରାବଣ ଭୂମିକାରେ ଏକାଠି ପରଦାରେ ନଜର ଆସିବେ? ଏହାର ଉତ୍ତର ରଖି ଯଶ୍ କହିଛନ୍ତି ଯେ, ସିନେମାର ପ୍ରଥମ ଭାଗରେ ରାମ ଓ ରାବଣଙ୍କର ସାମ୍ନାସାମ୍ନି ଦୃଶ୍ୟ ଦେଖିବାକୁ ମିଳିବ ନାହିଁ। କାହାଣୀର ଗତିଶୀଳତା ଅନୁଯାୟୀ, ଦର୍ଶକମାନେ କେବଳ ଦ୍ୱିତୀୟ ଭାଗରେ ଏହି ଦୁଇ ଶକ୍ତିଶାଳୀ ଚରିତ୍ରଙ୍କୁ ଏକାଠି ଦେଖିବାକୁ ସୁଯୋଗ ପାଇବେ। ଯାହା ଆସନ୍ତା ବର୍ଷ ପରଦାକୁ ଆସିବ ବୋଲି ସେ ସୂଚନା ଦେଇଛନ୍ତି।

ରାବଣ ଚରିତ୍ରକୁ ନେଇ ନିଜର ଚିନ୍ତାଧାରା ପ୍ରକଟ କରି ଯଶ୍ କହିଛନ୍ତି ଯେ, ଏହା କେବଳ ଜଣେ ଭଲ ବା ଖରାପ ବ୍ୟକ୍ତିର କାହାଣୀ ନୁହେଁ। ରାବଣ ଜଣେ ଅତ୍ୟନ୍ତ ଜ୍ଞାନୀ, ସଙ୍ଗୀତଜ୍ଞ ଏବଂ ଶାସ୍ତ୍ରରେ ପାରଦର୍ଶୀ ବ୍ୟକ୍ତିତ୍ୱ ଥିଲେ। ମାତ୍ର ବ୍ୟକ୍ତିର କର୍ମ ଏବଂ ନିଷ୍ପତ୍ତି ହିଁ ତାଙ୍କ ପରିଚୟ ସୃଷ୍ଟି କରିଥାଏ। ଏହି ଦାର୍ଶନିକ ଦୃଷ୍ଟିକୋଣକୁ ଆଧାର କରି ସେ ରାବଣ ଭୂମିକାକୁ ନିଭାଇଛନ୍ତି। ନିଜର ସହ-ଅଭିନେତା ରଣବୀର କପୁରଙ୍କ ବିଷୟରେ କହି ଯଶ୍ ତାଙ୍କୁ ଜଣେ ଦମଦାର ଅଭିନେତା ଭାବେ ବର୍ଣ୍ଣନା କରିବା ସହ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ବାସ୍ତବ ଜୀବନରେ ସେମାନଙ୍କର ଅଧିକ ସାକ୍ଷାତ ହୋଇନଥିଲେ ମଧ୍ୟ, ସିନେମାର ପୁରା ଟିମ୍ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ଏକଜୁଟ ହୋଇ କାମ କରୁଛନ୍ତି। ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମାଟି ଦୁଇଟି ଭାଗରେ ମୁକ୍ତିଲାଭ କରିବ। ଏଥିରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଯଥା କମ୍ପ୍ୟୁଟର ଜନିତ ପ୍ରତିଛବି ଏବଂ ଦୃଶ୍ୟ ପ୍ରଭାବର ବହୁଳ ବ୍ୟବହାର କରାଯାଇଛି, ଯାହା ଦର୍ଶକଙ୍କୁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବ। ସିନେମାର ପ୍ରଥମ ଭାଗ ଚଳିତ ବର୍ଷ ଦୀପାବଳି ଅବସରରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଏହାର ଦ୍ୱିତୀୟ ଭାଗ ୨୦୨୭ ମସିହା ଦୀପାବଳି ଅବସରରେ ପରଦାକୁ ଆସିବ। ଭାରତୀୟ ସିନେମା ଜଗତରେ ‘ରାମାୟଣ’ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଥିବା ବେଳେ, ଯଶଙ୍କ ଏହି ଖୁଲାସା ଦର୍ଶକଙ୍କ ମନରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି। ସମସ୍ତେ ଏବେ ଅପେକ୍ଷା କରିଛନ୍ତି ସେହି ସମୟକୁ, ଯେତେବେଳେ ପୌରାଣିକ ମହାକାବ୍ୟର ଏହି ଭବ୍ୟ ରୂପ ରୂପେଲି ପରଦାରେ ପ୍ରତିଫଳିତ ହେବ।

## ୧୬ ବର୍ଷ ପରେ ଅକ୍ଷୟ-ପ୍ରିୟଦର୍ଶନ ଯୋଡ଼ିର କମାଲ

ଦୀର୍ଘ ୧୬ ବର୍ଷର ପ୍ରତୀକ୍ଷା ପରେ ବଲିଉଡର ସଫଳ ଯୋଡ଼ି ଅକ୍ଷୟ କୁମାର ଏବଂ ନିର୍ଦ୍ଦେଶକ ପ୍ରିୟଦର୍ଶନ ପୁଣି ଏକତ୍ର ହୋଇଛନ୍ତି। ସେମାନଙ୍କ ନୂଆ ଚଳଚ୍ଚିତ୍ର ‘ଭୂତ ବଙ୍ଗଲା’ ମୁକ୍ତିଲାଭ କରିଛି। ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ସ୍କ୍ରିନିଂରୁ ଅତ୍ୟନ୍ତ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ଭରପୁର ହସକାନ୍ଦ, ରହସ୍ୟ ଏବଂ ଭୟର ଏକ ନିଖୁଣ ମିଶ୍ରଣ ଏହି ସିନେମାରେ ଦେଖିବାକୁ ମିଳୁଥିବା ବେଳେ ପ୍ରାରମ୍ଭିକ ସୂଚନା ଅନୁଯାୟୀ ଏହା ଏକ ବଡ଼ ସଫଳତା ଆଡ଼କୁ ଅଗ୍ରସର ହେଉଛି। ପ୍ରସିଦ୍ଧ ବ୍ୟବସାୟିକ ସମୀକ୍ଷକ ରମେଶ ବାଲା ଏହି ଚଳଚ୍ଚିତ୍ରକୁ ୪ ଷ୍ଟାର ପ୍ରଦାନ କରିବା ସହ ଏହାକୁ ଏକ ଦମଦାର ଅଲୌକିକ କାହାଣୀ ବୋଲି ବର୍ଣ୍ଣନା କରିଛନ୍ତି। ସିନେମାର କାହାଣୀ ‘ବଧୁସୁର’ ନାମକ ଏକ ରାକ୍ଷସ ଏବଂ ସେ କିପରି ଏକ ଗାଁକୁ ନିଜ କବ୍‌ଜାରେ ରଖିଛି, ତାହା ଉପରେ ଆଧାରିତ। କାହାଣୀଟି ଭୂତ ଏବଂ ଜୀବନ୍ତ ଚରିତ୍ରମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଅତ୍ୟନ୍ତ ଚମତ୍କାର ଭାବେ ଉପସ୍ଥାପନ କରିଛି।

ପ୍ରଥମ ଭାଗରେ ହସର ଖୋରାକ ଥିବା ବେଳେ ଦ୍ୱିତୀୟ ଭାଗରେ କାହାଣୀ ଅଧିକ ଗମ୍ଭୀର ଏବଂ ରୋମାଞ୍ଚକର ହୋଇପଡୁଛି। ଅକ୍ଷୟ କୁମାରଙ୍କ କମେଡି ସମୟ ସହ ପରେଶ ରାୱଲ ଏବଂ ରାଜପାଲ ଯାଦବଙ୍କ ଉପସ୍ଥିତି ଦର୍ଶକଙ୍କୁ ବହୁତ ପସନ୍ଦ ଆସିଛି। ଏହାସହ ତବୁ ଏବଂ ୱାମିକା ଗାବିଙ୍କ ଅଭିନୟ ମଧ୍ୟ ସିନେମାକୁ ଏକ ସ୍ୱତନ୍ତ୍ର ଗତି ପ୍ରଦାନ କରିଛି। ଫ୍ୟାନ୍ସ ମାନେ ଅକ୍ଷୟଙ୍କୁ ସମ୍ପୂର୍ଣ୍ଣ ଫର୍ମରେ ଥିବାର କହିବା ସହ ସେ କମେଡି ଏବଂ ଗମ୍ଭୀର ଦୃଶ୍ୟଗୁଡ଼ିକୁ ସହଜରେ ପରିଚାଳନା କରିଥିବା ନେଇ ମତାମତ ଦେଇଛନ୍ତି। ପୂର୍ବରୁ ‘ହେରାଫେରି’ ଏବଂ ‘ଭୁଲ୍ ଭୁଲେୟା’ ଭଳି ହିଟ୍ ସିନେମା ଭେଟି ଦେଇଥିବା ଏହି ଯୋଡ଼ି ‘ଭୂତ ବଙ୍ଗଲା’ ମାଧ୍ୟମରେ ପୁଣିଥରେ ପରଦାରେ ଧମାକା କରିବେ ବୋଲି ଆଶା କରାଯାଉଛି। ଯଦିଓ କିଛି ଦର୍ଶକ କାହାଣୀର ଗତିଶୀଳତାକୁ ନେଇ ସାମାନ୍ୟ ଚିନ୍ତା ପ୍ରକାଶ କରିଛନ୍ତି, ତଥାପି ସାମଗ୍ରିକ ଭାବେ ଏହା ଏକ ପୂର୍ଣ୍ଣ ମନୋରଞ୍ଜନଧର୍ମୀ ସିନେମା ହେବ ବୋଲି ପ୍ରମାଣିତ ହୋଇଛି। ଅଜିଠାରୁ ସିନେମାର ଅଗ୍ରିମ ପ୍ରଦର୍ଶନ ମଧ୍ୟ ଆରମ୍ଭ ହୋଇଯାଇଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ
**Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ